୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.27. No.79 Bhubaneswar Sunday May 04 2025 | ୨୭ତମ ବର୍ଷ ସଂଖ୍ୟା–୭୯ ଭୁବନେଶ୍ୱର, ରବିବାର, ମଇ ୦୪, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) | Member-INS

## ଶିଶୁ ବାଟିକା ଖୋଲି ଏବେ ବାଉଳି ହେଉଛନ୍ତି ରାଜ୍ୟ ସରକାର



ଭୁବନେଶ୍ୱର,୩।୫(ପି.ଏନ): କହି କହି ମାନିଲେନି । ବିନା ଭିତ୍ତିଭୂମି ଓ ଶିକ୍ଷକ ନିଯୁକ୍ତିରେ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଖୋଲିଲେ । ଏବେ ସହରାଞ୍ଚଳରୁ ଶିକ୍ଷକ ନେଇ ଗ୍ରାମାଞ୍ଚଳରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଲେ । ଯାହାକୁ ନେଇ ଶିକ୍ଷକଙ୍କଠାରୁ ଆରମ୍ଭ କରି ଅଭିଭାବକ ସମସ୍ତେ ରାଜ୍ୟ ବିଜେପି ସରକାରଙ୍କ ଅପରିଣାମ ନିଷ୍ପତ୍ତିକୁ କଡା ସମାଲୋଚନା କରିଛନ୍ତି । ସେପଟେ ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନର କହିବା କଥା ଘରୋଇ ସ୍କୁଲରେ ଶିକ୍ଷା ଅଧିକାର ଆଇନ ବଳରେ ପିଲାଙ୍କୁ ପାଠ ପଢିବାରୁ ଚକ୍ରାନ୍ତ କରି ବଞ୍ଚିତ କରିବା ପରେ ଏବେ ସରକାରୀ ସ୍କୁଲକୁ ମଧ୍ୟ ବରବାଦ କରାଯାଉଛି ।ଜାତୀୟ ଶିକ୍ଷା ନୀତିର ଅଗ ମୂଳ ନଜାଣି ଏକ ତରଫା ନିଷ୍ପତ୍ତି ନେବା ପଡୁଛି ମହଙ୍ଗା । ଫଳ ସ୍ୱରୂପ ଓଡିଶାରେ ଶୈକ୍ଷିକ ବାତାବରଣ ଯୋଗାଇ ପାରୁନାହାନ୍ତି ନୂଆ ସରକାର । ଏନେଇ ବାରମ୍ବାର ଅଭିଯୋଗ ପରେ ସହରାଞ୍ଚଳ ଶିକ୍ଷକଙ୍କୁ ଗ୍ରାମାଞ୍ଚଳକୁ ନେବାକୁ ନିଷ୍ପତ୍ତି ନେଇଛନ୍ତି ସରକାର । ଯାହାକୁ ନେଇ ପ୍ରଶ୍ନ ଉଠାଇଛି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ । ରାଜ୍ୟର ୪୫ ହଜାର ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ତିନି ଖୋଲିଥିବାରୁ ଜଣେ ଲେଖାଏଁ ଶିକ୍ଷକ ନିଯୁକ୍ତି କରାଗଲେ ଅତି କମରେ ୪୫ ହଜାର ଶିକ୍ଷକ ଆବଶ୍ୟକ । କିନ୍ତୁ ଏହି ନିଯୁକ୍ତି ତ ଦୂରର କଥା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଜ୍ୟରେ ଏକ ଲକ୍ଷରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡିଛି । ଏବେ ବିରୋଧ ଓ ଦାବି ପରେ ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ଶିକ୍ଷକ ନେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ଏହାଦ୍ୱାରା ସମସ୍ୟାର ସମାଧାନ ହେବ ନାହିଁ ବୋଲି ରୋକଠୋକ ଜଣାଇ ଦେଇଛି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ।ସେପଟେ ସହରାଞ୍ଚଳରୁ ଶିକ୍ଷକ ଗ୍ରାମାଞ୍ଚଳକୁ ନେଲେ ସହରାଞ୍ଚଳ ପିଲା କେମିତି ପାଠ ପଢିବେ ବୋଲି ପ୍ରଶ୍ନ ଉଠାଇଛି ଓଡିଶା ଅଭିଭାବକ ମହାସଂଘ । ଏମିତି ତ ସହରାଞ୍ଚଳର ସରକାରୀ ସ୍କୁଲ ଗୁଡିକର ଅବସ୍ଥା ଦୁର୍ବଳ । ଏବେ ଆହୁରି ଦୁର୍ବଳ କରିବାର ପ୍ରୟାସ ଚାଲିଛି ବୋଲି ଅଭିଯୋଗ ଆଣିଛି ଅଭିଭାବକ ମହାସଂଘ । ଶିକ୍ଷକ ନିଯୁକ୍ତି ନ କରି ଭିତ୍ତିଭୂମି ନ ସଜାଡି ସରକାର ଶିଶୁବାଟିକାରେ ଆଡମିଶନ କାହିଁକି କଲେ ବୋଲି ପ୍ରଶ୍ନ କରିଛି ମହାସଂଘ । ସରକାରୀ ସ୍କୁଲର ବ୍ୟବସ୍ଥାକୁ ସମ୍ପୂର୍ଣ ମାରିଦିଆଯାଇ ଘରୋଇ ସ୍କୁଲକୁ ସଶକ୍ତ କରାଯାଉଥିବା ଅଭିଯୋଗ ହୋଇଛି । ସେପଟେ ଘରୋଇ ସ୍କୁଲରେ ଶିକ୍ଷା ଅଧିକାର ଆଇନ ବଳରେ ପିଲାଙ୍କୁ ପାଠ ପଢିବାରୁ ବଞ୍ଚିତ କରାଯାଉଥିବା ଅଭିଯୋଗ ଆଣିଛି ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ ।ପାରଦର୍ଶୀ ପୋର୍ଟାଲରେ ଷଡ଼ଯନ୍ତ୍ର କରି ଗରିବ ପିଲାଙ୍କୁ ଘରୋଇ ସ୍କୁଲରେ ଆଡମିଶନରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ସହ ଆନ୍ଦୋଳନ ଜାରି ରହିଛି । କିନ୍ତୁ ଏସବୁକୁ ଭ୍ରୁକ୍ଷେପ ନ କରି ଏବେ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟ ଦୁର୍ବଳ କରାଯିବାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି ।

## ସାବଧାନ! ଯୁକ୍ତ ଦୁଇ ପରୀକ୍ଷା ଫଳ ନେଇ ବଜାରରେ ବୁଲୁଛି ମିଛ ନୋଟିସ

ଭୁବନେଶ୍ୱର,୩।୫(ପି.ଏନ): ସାବଧାନ ! ଯୁକ୍ତ ଦୁଇ ପରୀକ୍ଷା ଫଳ ନେଇ ବଜାରରେ ବୁଲୁଛି ମିଛ ନୋଟିସ। ମେ ମାସ ୬ ତାରିଖରେ ପରୀକ୍ଷା ଫଳ ପ୍ରକାଶ ହେବା ନେଇ ସୋସିଆଲ ମିଡିଆରୁ ଏକ ବିଜ୍ଞପ୍ତିର ସୂଚନା ପାଇଛି ଉଏଚଏସଇ। ଯାହାକୁ ଉଏଚଏସଇର ପକ୍ଷରୁ ଖଣ୍ଡନ କରାଯାଇଛି। ଏହା ମିଛ ଚିଠି। ତେଣୁ ଉପରେ ବିଶ୍ୱାସ କରନ୍ତୁ ନାହିଁ। ଏବେ ଖାତାଦେଖା ସରିଛି। ଏଥର ଖରା ଯୋଗୁଁ ସାମାନ୍ୟ ବିଳମ୍ବରେ ଖାତାଦେଖା ଶେଷ ହୋଇଛି। ପୂର୍ବରୁ ଯେଉଁ ମେ ୧୫ରେ ପରୀକ୍ଷା ଫଳ ପ୍ରକାଶ ପାଇଁ ଟାର୍ଗେଟ କରାଯାଇଥିଲା, ତାହା ହେବନି। କେବେ ଫଳାଫଳ ପ୍ରକାଶ ପାଇବ, ତାହା ଏବେ କହି ହେବ ନାହିଁ। ମୂଲ୍ୟାୟନ ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟ ରହିଛି। ୧୪୮ଟି ଜୋନରୁ ଅନଲାଇନରେ ମାର୍କ ଆସି ଯାଇଛି। ଦୁଇ ଦିନ ଭିତରେ ଅଫଲାଇନ ମାର୍କ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯିବ। ଏଥର କପିରେ ବୁକିଂ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଫଳାଫଳ ପାଇଁ ଚାରି ମାସ ଅପେକ୍ଷା କରିବାକୁ ପଡିବନି। ଚଳିତ ଥର ଯୁକ୍ତ ଦୁଇରେ ୪୨୯ ଜଣ କପି କରି ଧରା ପଡ଼ିଥିଲେ। ସେମାନଙ୍କୁ ଏକ୍ସପର୍ଟଙ୍କ ଦ୍ୱାରା କାଉନସେଲିଂ କରାଯିବା ସହ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଥିଲା। ଯେଉଁଥିରୁ ଜଣା ପଡିଲା ଯେ, ୩୭୨ ଜଣ କପି କରି ନାହାନ୍ତି। ସେମାନଙ୍କ ପରୀକ୍ଷା ଫଳ ପ୍ରକାଶ ପାଇବ। ହେଲେ ବାକି ୫୭ ଜଣ କପି କରିଛନ୍ତି। ଯେଉଁ ମାନଙ୍କୁ ଆସନ୍ତା ବର୍ଷ ପୁଣି ଥରେ ଯୁକ୍ତ ଦୁଇ ପରୀକ୍ଷା ଦେବାକୁ ପଡିବ ବୋଲି କହିଛନ୍ତି ଉଏଚଏସଇର ପରୀକ୍ଷା ନିୟନ୍ତ୍ରକ।

## ପୁଣି ଭାଇରାଲ ହେଲା ଲିଙ୍ଗରାଜ ମନ୍ଦିର ବେଢା



ଭୁବନେଶ୍ୱର,୩।୫(ପି.ଏନ): ପୁଣି ଭାଇରାଲ ହେଲା ଲିଙ୍ଗରାଜ ମନ୍ଦିର ବେଢା । କଡା ସୁରକ୍ଷା ସତ୍ତ୍ୱେ ମନ୍ଦିର ବେଢାର ଫଟୋ ଭାଇରାଲ ହୋଇଛି । ବଲିଉଡ ଅଭିନେତ୍ରୀ ସୁସ୍ମିତା ସେନ ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ । ଏହି ସମୟରେ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିଥିଲେ । ମହାପ୍ରଭୁଙ୍କ ଦର୍ଶନ କରିବା ସହ ମନ୍ଦିର ବେଢା ଭିତରେ ଫଟୋ ଉଠାଇଥିଲେ । ସୁସ୍ମିତାଙ୍କ ଫଟୋ ଉଠାଇଥିବା ସେବାୟତ ସୋସିଆଲ ମିଡିଆରେ ଏହି ଫଟୋ ସେୟାର କରିଛନ୍ତି । ତାଙ୍କର ଏହି ଫଟୋ ଏବେ ଭାଇରାଲ ହେବାରେ ଲାଗିଛି । ପୂର୍ବରୁ ଶିଳ୍ପା ସେଟ୍ଟୀଙ୍କ ଫଟୋ ମଧ୍ୟ ଭାଇରାଲ ହୋଇଥିଲା । ଏପରିକି କିଛି ରାଜନେତାଙ୍କ ଫଟୋ ବେଢ଼ା ଭିତରେ ଭାଇରାଲ ହେବା ପରେ ମନ୍ଦିର ସୁରକ୍ଷା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ।

## ବିଜେପି ସରକାର: ଘୋଷଣା ବେଶି କାମ କମ, ଘେରିଲେ ବିରୋଧୀ

ଭୁବନେଶ୍ୱର,୩।୫(ପି.ଏନ):ଓଡିଶାବାସୀଙ୍କ ବିଜେପି ପ୍ରତି ଭରସା ପାଉନାହିଁ । ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପାଳନ କରୁ ନାହିଁ ଦଳ । ଲୋକେ ବିଜେପି ସରକାରକୁ ବୁଝିସାରିଲେଣି ବୋଲି କହି ଦୁଇ ବିରୋଧୀ ବିଜେଡି ଓ କଂଗ୍ରେସ ଶାସକ ଦଳକୁ ଟାର୍ଗେଟ କରିଛନ୍ତି । ସେପଟେ ବିଜେପି ସଭାପତି ଚୟନ ପଦ୍ମ ଘୁଞ୍ଚି ଘୁଞ୍ଚି ଚାଲିଛି । କେବେ ସଭାପତି ଚୟନ ହେବ ସେ ପ୍ରଶ୍ନର ଉତ୍ତର ବିଜେପି ନେତାଙ୍କ ପାଖରେ ନାହିଁ ।ଗାଁ ଗାଁରେ ଠପ୍ ହୋଇଯାଇଛି ବିକାଶ । ଲୋକେ ଏବେ ତୁଳନା କଲେଣି, ବିଜେପି ଓ ବିଜେଡି ସରକାର ମଧ୍ୟରେ ଫରକ କ'ଣ ? ବିରୋଧୀଙ୍କ ଅଭିଯୋଗ, ୨୦୨୪ ନିର୍ବାଚନରେ ମିଥ୍ୟା ପ୍ରତିଶ୍ରୁତି ଓ ଅପପ୍ରଚାର କରି ବିଜେପି ରାଜ୍ୟରେ କ୍ଷମତାକୁ ଆସିଲା । ଓଡିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଭୁଲିଗଲା । କୌଣସି ନୂଆ ପ୍ରକଳ୍ପ କାମ ମଧ୍ୟ ହୋଇନାହିଁ । ସରକାର ଗଠନକୁ ବର୍ଷେ ? ପୁରିବାକୁ ଯାଉଥିବା ବେଳେ ଲୋକେ ଏବେ ଶାସନ ଠାରୁ ମୁହଁ ଫେରାଇବାକୁ ବସିଲେଣି । ଲୋକେ ପୂର୍ବର ବିଜେଡି ଓ ବର୍ତ୍ତମାନର ବିଜେପି ସରକାର ମଧ୍ୟରେ ତୁଳନା କରିବା ଆରମ୍ଭ କଲେଣି ବୋଲି କହିଛନ୍ତି ବିଜେଡି ବିଧାୟକ ପ୍ରଦୀପ ଦିଶାରୀ ।ବିଜେପି ସରକାର ଘୋଷଣା ଅଧିକ କାମ କମ ବୋଲି ଲୋକେ ଅନୁଭବ କଲେଣି । ସରକାରୀ ସଭାକୁ ଡାକିଲେ ବି ଯାଉନାହାନ୍ତି । ପୂର୍ବ ସରକାରରେ ଯେପରି ବିକାଶ ହେଉଥିଲା ତାହା ଏବେକାର ସରକାରରେ ପୁରା ବନ୍ଦ ହୋଇଯାଇଛି । ଆଗକୁ ଲୋକେ ବିଜେପି ନେତାଙ୍କୁ ଏ ପ୍ରଶ୍ନ ପଚାରିବେ କହିଛି ବିଜେଡି । ସେହିପରି କଂଗ୍ରେସ ବିଧାୟକ ପବିତ୍ର ସାଉଟା କହିଛନ୍ତି ବିଜେପି ସରକାର କେବଳ କୁହାଳିଆ ସରକାର । ୩୦୦ ୟୁନିଟ ମାଗଣା ବିଜୁଳି, ସରକାର ଗଠନର ୨୪ ଘଣ୍ଟାରେ ଚିଟଫଣ୍ଡ ଟଙ୍କା ଫେରସ୍ତ ଭଳି ଲମ୍ବା ପ୍ରତିଶୃତି କେବେ ପାଳନ ହେବ ବୋଲି ପଚାରିଛନ୍ତି। ୧୧ ମାସ ଭିତରେ ରାଜ୍ୟରେ ଖାଲି ପଡିଛି ୬ ମନ୍ତ୍ରୀପଦ । ନିଗମ ବଣ୍ଟନ କରି ପାରୁନାହାନ୍ତି ସରକାର । ମନ୍ତ୍ରୀପଦ ପୂରଣ ନହେଲା ଭଳି ଦଳରେ ମଧ୍ୟ ସମ୍ମାନ ସ୍ଥିତି । ଭୁବନେଶ୍ୱରରୁ ଦିଲ୍ଲୀ କସରତ ଚାଲିଥିବା ବେଳେ ରାଜ୍ୟ ସଭାପତି ଚୟନ କରିପାରୁନି ଦଳ । କାହିଁକି ଅଧାଗଡା ମନ୍ତ୍ରିମଣ୍ଡଳ ଓ ରାଜ୍ୟ ସଭାପତି ଚୟନ ହୋଇପାରୁନାହିଁ, ସେ ନେଇ ବିଜେପି ବିଧାୟକ ଲକ୍ଷ୍ମଣ ବାଗଙ୍କ ପାଖରେ ବି ଉତ୍ତର ନାହିଁ କ୍ଷ ଯାହାକୁ ନେଇ ଶାସକ ଦଳକୁ କଟାକ୍ଷ କରିଛି ବିରୋଧୀ ବିଜେଡି ।

## ମଣିପୁର ହିଂସାକୁ ଦୁଇ ବର୍ଷ: କେବେ ସୁଧୁରିବ ସ୍ଥିତି ଓ କେବେ ନିଜ ଘରକୁ ଫେରିବେ ହଜାର ହଜାର ଲୋକ ?



ଭୁବନେଶ୍ୱର,୩।୫(ପି.ଏନ): ମଣିପୁରରେ ମୈତେଇ ଓ କୁକି ଜୋ ସଂପ୍ରଦାୟ ମଧ୍ୟରେ ଆରମ୍ଭ ହୋଇଥିବା ରକ୍ତାକ୍ତ ସଂଘର୍ଷକୁ ଦୁଇ ବର୍ଷ ପୂରିଛି। ଆଦିବାସୀ ଓ ଅଣ ଆଦିବାସୀ ସଂପ୍ରଦାୟର ସଂଘର୍ଷ ଯୋଗୁ ୨୫୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୧୫ଶହରୁ ଅଧିକ ଲୋକ ଆହତ ହୋଇଛନ୍ତି। ସେହିପରି ୨୦୨୩ ମେ' ୩ରୁ ଆରମ୍ଭ ହୋଇଥିବା ଏହି ସଂଘର୍ଷ ଯୋଗୁ ୭୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇ ସରକାରୀ କ୍ୟାମ୍ପରେ ଜୀବନ ବିତାଇବାକୁ ବାଧ୍ୟ ହୋଇଛନ୍ତି ।ସରକାର ସବୁ କିଛି ସ୍ୱାଭାବିକ ଥିବା ଦାବି କରୁଥିଲେ ହେଁ ୨ ବର୍ଷ ପରେ ବି ହଜାର ହଜାର ଲୋକ ନିଜ ଘରକୁ ଫେରିବାକୁ ଅପେକ୍ଷା କରି ରହିଛନ୍ତି। ନିଜ ଘର ଛାଡି ସେମାନେ ଭିଡ ଖଚିତ ରିଲିଫ କ୍ୟାମ୍ପରେ ଦୁଇ ବର୍ଷ ହେଲାଣି ଜୀବନ ବିତାଉଛନ୍ତି ।ମଣିପୁର ମୁଖ୍ୟମନ୍ତ୍ରୀ ହିଂସା ଘଟଣାର ପ୍ରାୟ ବର୍ଷକ ପରେ ଅର୍ଥାତ ୨୦୨୪ ମସିହା ଫେବୃଆରୀ ମାସରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି। ତଥାପି ଶାନ୍ତି ପ୍ରତିଷ୍ଠା ହୋଇପାରିନି। ହିଂସା ଦ୍ୱାରା ପ୍ରଭାବିତ ହୋଇଥିବା ପରିବାର ସେମାନଙ୍କ ଘର, ବ୍ୟବସାୟ ଓ ଅନିଶ୍ଚିତତାର ଭବିଷ୍ୟତକୁ ନେଇ ଏବେ ବି ଚିନ୍ତାରେ ରହିଛନ୍ତି।

## ବ୍ରିଜ ସ୍ଲାବରେ ଚାପି ହୋଇ ତିନି ଶ୍ରମିକ ମୃତ, ୨ ଗୁରୁତର

ଭୁବନେଶ୍ୱର,୩।୫(ପି.ଏନ): କଟକରେ ବଡ଼ ଅଘଟଣ । ବ୍ରିଜ କାମ ଚାଲିଥିବାବେଳେ ଅଘଟଣ । ବ୍ରିଜର ସ୍ଲାବରେ ଚାପି ହୋଇ ୩ ଶ୍ରମିକଙ୍କ ମୃତ୍ୟୁ । ଦୁଇ ଜଣ ଗୁରୁତର । ଖାନନଗରସ୍ଥିତ କାଠଯୋଡ଼ିରେ ଚାଲିଥିଲା କାମ ।ମିଳିଥିବା ସୂଚନା ଅନୁସାରେ, ନୂଆ ବ୍ରିଜ କାମ ଚାଲିଥିବା ସମୟରେ ଅଘଟଣ ଘଟିଛି । ବିମ୍ ଉଠାଇବା ବେଳେ କ୍ରେନ୍ ଭାଙ୍ଗି ଶ୍ରମିକଙ୍କ ଉପରେ ପଡିଥିଲା । ମୃତକମାନେ ହେଲେ ସୌମ୍ୟରଞ୍ଜନ ମଲ୍ଲିକ, ଶିବଶଙ୍କର ପଟ୍ଟନାୟକ ଏବଂ ସୁବାସ ଚନ୍ଦ୍ର ଭକ୍ତ । ବାଲେଶ୍ୱରର ସୌମ୍ୟରଞ୍ଜନ ସାଇଟ୍ ଇଂଜିନିୟର ଥିଲେ । ତେବେ ଘଟଣା ଘଟିବା ପରେ ଠିକା ସଂସ୍ଥାର କର୍ମଚାରୀ ଘଟଣାସ୍ଥଳ ଛାଡ଼ି ଫେରାର ହୋଇଯାଇଛି । ସ୍ଥାନୀୟ ବାସିନ୍ଦା ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରିଥିଲେ ।

## ବିଧାୟକ ଯୋଗେଶ ସିଂଙ୍କ ପୋଲିସ ଅଟକ ରଖିବାକ ବିଜେଡିର ନିନ୍ଦା



ଭୁବନେଶ୍ୱର,୩।୫(ପି.ଏନ): ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂଙ୍କ ଅଟକକୁ ବିଜେଡିର ନିନ୍ଦା । ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନର ପଦକ୍ଷେପକୁ ପ୍ରେସମିଟରେ ନିନ୍ଦା କଲା ବିଜେଡି । ଗଣତାନ୍ତ୍ରିକ ଆନ୍ଦୋଳନକୁ ଚପାଇ ଦେବା ଲାଗି ଉଦ୍ୟମ ହେଉଥିବା କଲା ଅଭିଯୋଗ ।ସୂଚନାଯୋଗ୍ୟ, ହେମଗିରି କୋଇଲା ସାଇଡିଂ ନିକଟରେ ବିଧାୟକ ଯୋଗେଶ ସିଂଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଥିଲା । ବେଆଇନ ରେଲୱେ ସାଇଡିଂ ଚାଲିଥିବା ଅଭିଯୋଗରେ ଆନ୍ଦୋଳନ ଚାଲିଥିଲା । ଏହି ସମୟରେ ବିଧାୟକଙ୍କ ସମେତ ଦେଢ ଶହ ଆନ୍ଦୋଳନକାରୀଙ୍କୁ ଉଠାଇ ନେଲା ପୋଲିସ ।

## ପହଲଗାମ ପ୍ରତିଶୋଧ: ପାକିସ୍ତାନୀ ପରେ ପାକିସ୍ତାନ ଜିନିଷକୁ ଭାରତ ମନା



ଭୁବନେଶ୍ୱର,୩।୫(ପି.ଏନ): ପହଲଗାମ ନରସଂହାର ପରେ ପାକିସ୍ତାନକୁ ଗୋଟିଏ ପରେ ଗୋଟିଏ ଝଟକା ଦେଇ ଚାଲିଛି ଭାରତ। ପ୍ରଥମେ ପାକିସ୍ତାନକୁ କୂଟନୀତିକ ଓ ଡିଜିଟାଲ ଝଟକା ଦିଆଯାଇଥିଲା। ଏବେ ପାକିସ୍ତାନକୁ ଆର୍ଥିକ ସ୍ତରରେ ଦୁର୍ବଳ କରିବାକୁ ଭାରତ ସରକାର ଗୋଟି ଚାଳନା କରିଛନ୍ତି। ଅଲଆଉଟ ସାମରିକ ଷ୍ଟ୍ରାଇକ ପୂର୍ବରୁ ଭାରତ ପକ୍ଷରୁ ପାକିସ୍ତାନକୁ ଚାରିପଟୁ ଘେରାବନ୍ଦୀ କରିବାକୁ ଚେଷ୍ଟା କରାଯାଉଛି ।ଭାରତର ଗୋଟିଏ ପରେ ଗୋଟିଏ ଝଟକା ଯୋଗୁ ଭୟରେ ଥରୁଥିବା ପାକିସ୍ତାନ କେବଳ ଯୁଦ୍ଧାଭ୍ୟାସ କରି ନୂଆଦିଲ୍ଲୀକୁ ନାଲି ଆଖି ଦେଖାଇ ଚାଲିଛି। ହେଲେ ଭାରତ ହାତରେ ନ ମାରି ଭାତରେ ମାରିବା ଭଳି ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ।ପୂର୍ବରୁ ପାକିସ୍ତାନୀଙ୍କୁ ଭାରତ ମନା ହୋଇଥିଲା। ପାକିସ୍ତାନୀଙ୍କୁ ମିଳିଥିବା ଭିସାକୁ ଭାରତ ସରକାର ରଦ୍ଦ କରି ଏପ୍ରିଲ ୩୦ ସୁଦ୍ଧା ଦେଶ ଛାଡିବାକୁ କହିଥିଲେ। ଏହାପରେ ପାକିସ୍ତାନର ଏକାଧିକ ୟୁଟ୍ୟୁବ ଚ୍ୟାନେଲ ଭାରତରେ ବନ୍ଦ ହୋଇଥିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସେଲିବ୍ରେଟି ଓ କ୍ରିକେଟରଙ୍କ ସୋଶାଲ ମିଡିଆ ଆକାଉଣ୍ଟ ମଧ୍ୟ ଭାରତରେ ନିଷିଦ୍ଧ ହୋଇଛି। ପାକିସ୍ତାନ ସହ ସିନ୍ଧୁ ଜଳ ଚୁକ୍ତି ଉପରେ ମଧ୍ୟ ଭାରତ ସରକାର ରୋକ ଲଗାଇଛନ୍ତି। ଏସବୁକୁ ନେଇ ବିଚଳିତ ହୋଇପଡିଥିବା ପାକିସ୍ତାନକୁ ଆଜି ଭାରତ ସରକାର ଏକାଧିକ ଝଟକା ଦେଇଛନ୍ତି।

## ପାଟଣାଗଡ଼ ପାର୍ସଲ ବୋମା ମାମଲା: ପୁଞ୍ଜିଲାଲଙ୍କ ସପକ୍ଷରେ ସାକ୍ଷୀ ପ୍ରଦାନ

ଭୁବନେଶ୍ୱର,୩।୫(ପି.ଏନ): ବଲାଙ୍ଗୀର ପାଟଣାଗଡ଼ର ବହୁ ଚର୍ଚ୍ଚିତ ପାର୍ସଲ ବୋମା ବିସ୍ଫୋରଣ ଘଟଣା । ଜିତେନ୍ ପଟେଲ ନାମକ ଜଣେ ବ୍ୟକ୍ତି କୋର୍ଟରେ ହାଜର ହୋଇ ପୁଞ୍ଜିଲାଲ ସପକ୍ଷରେ ସାକ୍ଷୀ ପ୍ରଦାନ କରିଛନ୍ତି । ଆସନ୍ତା ୫ ତାରିଖରେ କୋର୍ଟରେ ସାକ୍ଷ୍ୟ ଗ୍ରହଣ ଶେଷ ନେଇ କ୍ଲୋଜ଼ର ନୋଟିସ ପ୍ରକାଶ ପାଇଛି । ଆସନ୍ତା ୯ ତାରିଖରେ ପ୍ରତିପକ୍ଷ ଓକିଲ ନିଜ ପକ୍ଷ ରଖିବେ । ଦୁଇରୁ ତିନି ଦିନ ଧରି ପକ୍ଷ ଶୁଣିବା ପରେ ଚଳିତମାସ ଶେଷ ସୁଦ୍ଧା ପାଟଣାଗଡ଼ ଏଡିଜେ ମାମଲାର ରାୟ ପ୍ରକାଶ କରିବେ ବୋଲି ପୁଞ୍ଜିଲାଲର ଓକିଲ ସୂଚନା ଦେଇଛନ୍ତି ।ଆସନ୍ତା ୬ ତାରିଖରେ କିଛି ସରକାରୀ ଦସ୍ତାବିଜ୍ କୋର୍ଟରେ ଦାଖଲ କରାଯିବ ବୋଲି ପୁଞ୍ଜିଲାଲର ଓକିଲ କହିଛନ୍ତି । ଆସନ୍ତା ଜୁନ ୧୭ ସୁଦ୍ଧା ମାମଲର ଶୁଣାଣି କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଥିବାବେଳେ ଚଳିତ ମାସ ଶେଷ ସୁଦ୍ଧା ରାୟ ପ୍ରକାଶ ପାଇପାରେ । ପାର୍ସଲ ବୋମା ମାମଲାରେ ନିଜକୁ ନିର୍ଦ୍ଦୋଷ ବୋଲି କହିବା ସହ କର୍ମକ୍ଷେତ୍ରରେ ମଧ୍ୟ କାହା ସହ ତାଙ୍କର ଶତ୍ରୁତା ନଥିଲା ବୋଲି ବିଚାରପତିଙ୍କୁ କହିଥିଲେ ପୁଞ୍ଜିଲାଲ । ଜାଣିଶୁଣି ତାଙ୍କୁ ଏଥିରେ ଫସା ଯାଇଥିବା ସେ କହିଛନ୍ତି । ଏନେଇ ଅଭିଯୁକ୍ତ ପୁଞ୍ଜିଲାଲ ପକ୍ଷରୁ ସମସ୍ତ ସାକ୍ଷ୍ୟ ପ୍ରଦାନ ସରିଛି । ପୁଞ୍ଜିଲାଲଙ୍କ ଓକିଲ ପକ୍ଷ ରଖିବା ପରେ ଖୁବଶୀଘ୍ର ରାୟ ପ୍ରକାଶ ପାଇବ ।ଗତ ୨୦୧୮ ଫେବୃଆରୀ ୨୩ ତାରିଖରେ ପାଟଣାଗଡ଼ର ସଂଯୁକ୍ତା ସାହୁ ଏବଂ ରବୀନ୍ଦ୍ର ସାହୁଙ୍କ ପୁଅ ବାହାଘରକୁ ଉପହାରରେ ପାର୍ସଲ ବୋମା ଆସିଥିଲା । ଉପହାର ଖୋଲିବା ବେଳେ ବୋମା ବିସ୍ଫୋରଣ ଘଟିଥିଲା । ନବ ବିବାହିତ ସୌମ୍ୟଶେଖର ଓ ତାଙ୍କ ସମ୍ପର୍କୀୟ ଜେଜେମାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ନବ ବିବାହିତା ରିମାରାଣୀ ସାହୁ ଅଳ୍ପକେ ମୃତ୍ୟୁ ମୁଖରୁ ବଞ୍ଚିଯାଇଥିଲେ । କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ପୁଞ୍ଜିଲାଲକୁ ପାଟଣାଗଡ଼ରୁ ଗିରଫ କରିଥିଲା ।

## ମୋହନ ସରକାର ଦେଇ ପାରୁନାହାନ୍ତି, ଯାହା ମିଳୁଥିଲା ଛଡ଼ାଇ ନେଉଛନ୍ତି



ଭୁବନେଶ୍ୱର,୩।୫(ପି.ଏନ): ଖାଲି କଥାରେ ଲୋକଙ୍କ ସରକାର । କାମରେ ଜିରୋ । ଆଦିବାସୀ ମୁଖ୍ୟମନ୍ତ୍ରୀ ସତ୍ତ୍ୱେ ରାଜ୍ୟ ସାରା ଉପେକ୍ଷିତ ହେଉଛନ୍ତି ଆଦିବାସୀ । ଜଙ୍ଗଲ ଜମି ଅଧିକାର ପ୍ରହସନ ପାଲଟିଛି । କେନ୍ଦୁପତ୍ର ତୋଳାଳି ଓ ଶ୍ରମିକଙ୍କୁ ହତାଦର କରିଛନ୍ତି ବିଜେପି ସରକାର । ପଶ୍ଚିମ ଓଡିଶାରେ ଲୋକଙ୍କ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି କରିବା ଦିନ ହିଁ କେନ୍ଦୁପତ୍ର ତୋଳାଳିଙ୍କ ସମସ୍ୟା ବଢାଇ ଦେଲେ । ଏମାନଙ୍କ ଜିଏସଟି ବେଡି ଉପରେ ସହାୟତା ବନ୍ଦ କୋରଡା ମାଡ ଭଳି ହୋଇଛି । ମୋହନ ସରକାର ଏମାନଙ୍କୁ ଅଧିକ କିଛି ଦେବା ବଦଳରେ ନବୀନ ସରକାର ଅମଳର ସହାୟତା କାଟି ଦେବାକୁ ନେଇ ସଙ୍ଘ ଉଠାଇଲା ପ୍ରଶ୍ନ ।୧୬ ଘଣ୍ଟାର ପରିଶ୍ରମ । ପାରିଶ୍ରମିକ ନାମକୁ ମାତ୍ର । ନବୀନ ସରକାରରେ ମିଳୁଥିବା ସହାୟତାକୁ ବି ଛଡାଇ ନେଲେ ମୋହନ ସରକାର । ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି ଏବେ କଷ୍ଟରେ । କେନ୍ଦୁପତ୍ର ତୋଳାଳିଙ୍କ ସହ ସିଜନାଲ ୱାର୍କର ଓ ବନ୍ଧ ?ଇ ଶ୍ରମିକଙ୍କ ଉପରେ ବେଡି ଉପରେ କୋରଡା ମାଡ କରୁଛନ୍ତି ରାଜ୍ୟ ସରକାର । ୨୦୧୮ରେ କେନ୍ଦୁପତ୍ର ଉପରେ ୧୮ ପ୍ରତିଶତ ଜିଏସଟି ଲଗାଇ ଦେଲେ କେନ୍ଦ୍ର ସରକାର । ଏହାକୁ ପ୍ରବଳ ବିରୋଧ ହେଲା । ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଚିଠି ଲେଖି ଏହାକୁ ପ୍ରତ୍ୟାହାର ପାଇଁ ଅନୁରୋଧ କଲେ । ହେଲେ କିଛି ଫଳ ନ ମିଳିବାରୁ ୨୦୧୯ରେ ନବୀନ ସରକାର ରାଜ୍ୟର ଭାଗ ୯ ପ୍ରତିଶତ ଜିଏସଟି ପରିମାଣ ସହାୟତା ଆକାରରେ ଶ୍ରମିକମାନଙ୍କୁ ଦେଲେ । କେନ୍ଦୁପତ୍ର ବିକ୍ରିରୁ ଯାହା ଲାଭ ବାହରିବ, ତାହା ଶ୍ରମିକଙ୍କ କଲ୍ୟାଣ ପାଇଁ ଦେବାକୁ ନିଷ୍ପତ୍ତି ନେଇ କାର୍ଯ୍ୟକାରୀ କଲେ । ଛୁଆଙ୍କ ପାଠପଢା, ଝିଅ ବାହାଘର ପାଇଁ ୫୦ ହଜାର ଟଙ୍କାର ବ୍ୟବସ୍ଥା କଲେ । ହେଲେ ମୋହନ ସରକାର ଜିଏସଟି ଛାଡ ପାଇଁ ବ୍ୟବସ୍ଥା ତ କଲେ ନାହିଁ ବରଂ ମିଳୁଥିବା ସହାୟତା ବନ୍ଦ କରିବାକୁ ନିଷ୍ପତ୍ତି ନେଲେ । ଯାହାକୁ କେନ୍ଦୁପତ୍ର ତୋଳାଳି ସଂଘ ସମାଲୋଚନା କରିଛି ।ପଶ୍ଚିମ ଓଡିଶାରେ ଦୋଫସଲୀ ଚାଷ ହେଉ ନଥିବାରୁ ଗ୍ରାମାଞ୍ଚଳର ସାହାରା ହେଉଛି କେନ୍ଦୁପତ୍ର ସଂଗ୍ରହ । ଭୋର ୪ଟାରୁ ୧୨ଟା ଯାଏଁ ୧୦ କିଲୋମିଟର ଯାଏଁ ଜଙ୍ଗଲ ଭିତରକୁ ଯାଇ କେନ୍ଦୁପତ୍ର ସଂଗ୍ରହ କରିବା ସହିତ ଦ୍ୱିପହରରେ ଏହାକୁ ଶୁଖାଇବା, ବାନ୍ଧିବା ଓ ବିକ୍ରି କରିବା କାମରେ ରାତି ୧୦ ଯାଏଁ ଖଟିବାକୁ ପଡ ? । କେନ୍ଦୁପତ୍ରରେ ଜିଏସଟି ସହ ତୋଳାଳିଙ୍କ ସହ କିଛି ସମ୍ପର୍କ ନାହିଁ ବୋଲି ଜଙ୍ଗଲ ମନ୍ତ୍ରୀ କହିବା ଯୁକ୍ତିଯୁକ୍ତ ନୁହେଁ । କାରଣ ଜିଏସଟି ଲାଗିଥିବାରୁ ବିକ୍ରି କମିଛି । ବିକ୍ରି କମିଲେ ଲାଭାଂଶ ବି କମୁଛି । ଲାଭାଂଶର ଭାଗରୁ ନିଜର ଭବିଷ୍ୟତ ଖୋଜୁଥିବା ୧୫ ଲକ୍ଷ ତୋଳାଳି, ୧୮ ହଜାର ସିଜନାଲ ଶ୍ରମିକ ଓ ୨୦ ହଜାର ବନ୍ଧ ?ଇ ଶ୍ରମିକ ଏବେ ହତାଶ । କ୍ଷତିଭରଣା କରିବାକୁ ନବୀନ ସରକାର ଲାଭାଂଶରୁ ସହାୟତା ବ୍ୟବସ୍ଥାକୁ ମୋହନ ସରକାର ବନ୍ଦ କରିଦେବା ଏମାନଙ୍କ ପାଇଁ କାଳ ହୋଇଛି । ବୋନସ ବଢାଇବା ବୋଲି ଜଙ୍ଗଲ ମନ୍ତ୍ରୀ କହୁଥିବା ବେଳେ ସହାୟତା କାହିଁକି ବନ୍ଦ ହେଲା, ତା'ର କିଛି ଉତ୍ତର ଦେଉ ନାହାନ୍ତି ।ପାହାଡ଼ିଆ ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟର ଜୀବନ ଜୀବିକାର ବାଟ ହେଉଛି କେନ୍ଦୁପତ୍ର । ଏଥିରେ ଜିଏସଟି ପ୍ରହାର ସଦୃଶ ହୋଇଥିବା ବେଳେ ଲାଭାଂଶର ସହାୟତା ବନ୍ଦ କରିବା ପାଇଁ ମୋହନ ସରକାରଙ୍କ ନିଷ୍ପତ୍ତି ଏମାନଙ୍କୁ ମହରଗରୁ କାନ୍ତାରରେ ପକାଇଛି ।




# ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର, ଲାଗିଛି ୧୬୦୦ ହୀରା



ଆପଣ ତ ଘରେ ଅନେକ ସମୟରେ ଚା ପିଉଥିବେ । କେବଳ ଆପଣ ନୁହଁନ୍ତି ବରଂ ଭାରତର ସବୁଠାରୁ ଅଧିକ ଲୋକ ପାନୀୟ ଭାବେ ଚା ପିଇଥାନ୍ତି । ଅଧିକାଂଶ ଲୋକ ଚା 'ପିଇବା ସହିତ ସକାଳ ଆରମ୍ଭ କରନ୍ତି । ଦେଶରେ ବିଭିନ୍ନ ଢଙ୍ଗରେ ଚା ପ୍ରସ୍ତୁତ କରାଯାଏ । ଯେମିତିକି ମସାଲା ଚା, ଗୁଜୁରାତି ଚା, ଅଦା ଚା କୁ ଅଧିକାଂଶ ଲୋକ ପସନ୍ଦ କରୁଥିବାବେଳେ ଅତିଥିମାନଙ୍କୁ ଚା 'ଦେବାବେଳେ ପ୍ରାୟ ଲୋକ ଚା କପ ସହ ଚାମଚ ଏବଂ ପ୍ଲେଟ ବ୍ୟବହାର କରିଥାନ୍ତି । ତେବେ ଆମେ ଯଦି ଆପଣଙ୍କୁ କହିବୁ ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର ବାବଦରେ ଆପଣ ଜାଣିଛନ୍ତି କି ? ତେବେ ଆପଣ ବୋଧେ ଜାଣିନଥିବେ । ଆଜି ଆମେ ଆପଣଙ୍କୁ ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର ବାବଦରେ କହିବୁ, ଯାହାର ମୂଲ୍ୟ ଶୁଣିବା ପରେ ଆପଣଙ୍କ ହୋସ ଉଡିଯିବ । ଗିନିଜ ୱାର୍ଲ୍ଡ ରେକର୍ଡ ଇନଷ୍ଟାଗ୍ରାମରେ ଦୁନିଆର ସବୁଠୁ ଦାମୀ ଚା ପାତ୍ରର ଫଟୋ ସେୟାର କରିଛି । ଏହି ଚା ପାତ୍ରର ମୂଲ୍ୟ ପ୍ରାୟ ୩ ମିଲିୟନ ଡଲାର ହୋଇଥିବାବେଳେ ଏହାକୁ ଇଟାଲୀର ଜଣେ ଅଳଙ୍କାର ନିର୍ମାତା ଫୁଲ୍ଵିଓ ସ୍କୋବିଆ ତିଆରି କରିଥିଲେ । ତେବେ ଆପଣ ପଚାରିବେ ଏହାର ମୂଲ୍ୟ ଏତେ ଅଧିକ କାହିଁକି ? ବାସ୍ତବରେ ଏହି ଚା ପାତ୍ରରେ ସୁନା ଓ ରୂପା ବ୍ୟବହୃତ ହୋଇଥିବାବେଳେ ଏଥିରେ ୧୬୫୮ଟି ହୀରା ଲାଗିଛି । ଏହାର ହ୍ୟାଣ୍ଡେଲ ପାଇଁ ହାତୀ ଦାନ୍ତ ବ୍ୟବହାର କରାଯାଇଥିବାବେଳେ ଚା ପାତ୍ରର ଢାଙ୍କୁଣୀରେ ଥାଇଲାଣ୍ଡର ୩୮୬ଟି ରୁବି ରତ୍ନ ଲାଗିଛି । ସୁନା, ରୂପା, ହୀରା, ରୁବି ଏବଂ ହାତୀ ଦାନ୍ତରେ ନିର୍ମିତ ଏହି ସୁନ୍ଦର ଚା ପାତ୍ର ଦର୍ଶକଙ୍କୁ ସ୍ତବ୍ଧ କରିଦିଏ । ଏହି ଦାମୀ ଚା ପାତ୍ରକୁ ସେପ୍ଟେମ୍ବର ୬, ୨୦୧୬ରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ସବୁଠାରୁ ମହଙ୍ଗା ଚା' ପାତ୍ର ଭାବରେ ମାନ୍ୟତା ଦେଇଛି । ଗିନିଜ ୱାର୍ଲ୍ଡ ରେକର୍ଡ ଅନୁଯାୟୀ ଏହି ଚା ପାତ୍ରର ମାଲିକାନା ଏନ ସେଟିଆ ଫାଉଣ୍ଡେସନ ପାଖରେ ଥିବାବେଳେ ଏହି ଫାଉଣ୍ଡେସନ ହେଉଛି ଏକ ଦାନକାରୀ ସଂସ୍ଥା ଯାହାକି ଲଣ୍ଡନରେ ଶିକ୍ଷା, ଆଧ୍ୟାତ୍ମିକ କାର୍ଯ୍ୟକଳାପ ଏବଂ ଚିକିତ୍ସା ଅନୁସନ୍ଧାନରେ ନିୟୋଜିତ ରହିଛି । ଦାନକାରୀ ସଂସ୍ଥାର ପ୍ରତିଷ୍ଠାତା ତଥା ନ୍ୟୁବି ଚା'ର ଅଧକ୍ଷ ନିର୍ମଳ ସେଟିଆ ଚା'କୁ ସମ୍ମାନ ଦେବା ପାଇଁ ଏକ ଅମୂଲ୍ୟ ଚା ପାତ୍ର ତିଆରି କରିବାକୁ ଚାହୁଁଥିଲେ ଏବଂ ଏହାର ନିର୍ମାଣ କରାଇଥିଲେ ।





# ଅଭିନେତ୍ରୀ ମାହିରା ଖାନ

ପାକିସ୍ତାନୀ ଅଭିନେତ୍ରୀ ମାହିରା ଖାନ । ଯିଏ ପାକିସ୍ତାନୀ ଇଣ୍ଡଷ୍ଟ୍ରିର ଏକ ଅବିଶ୍ୱସନୀୟ ଏବଂ ପ୍ରତୀକାତ୍ମକ ବ୍ୟକ୍ତିତ୍ୱ । ଲଲିଉଡର ଅନ୍ୟତମ ସୁନ୍ଦର ତଥା ପ୍ରତିଭାବାନ ସେଲିବ୍ରିଟି ଅଟନ୍ତି । ମାହିରା ଖାନ ହେଉଛନ୍ତି ଏକମାତ୍ର ଅଭିନେତ୍ରୀ ଯିଏକି ବଲିଉଡ ତାରକା ଶାହାରୁଖ ଖାନଙ୍କ ସହ ପାକିସ୍ତାନୀ ଅଭିନେତ୍ରୀ ଭାବରେ କାମ କରିଛନ୍ତି । ଏହି ତାରକା ପାକିସ୍ତାନୀ ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ଏକ ଚମତ୍କାର କ୍ୟାରିୟର କରିଛନ୍ତି । ମାହିରା କେବଳ ଜଣେ ଦକ୍ଷ ଅଭିନେତ୍ରୀ ନୁହଁନ୍ତି; ସେ ଜଣେ ସଫଳ ଉଦ୍ୟୋଗୀ । ଯିଏ ଏକ ଫ୍ୟାଶନ୍ ପୋର୍ଟାଲ୍, ପୋଷାକ ବ୍ରାଣ୍ଡ ଏବଂ ଏକ ପ୍ରଡକ୍ସନ୍ ହାଉସ୍ ଚଳାନ୍ତି । ଏହି ଅଭିନେତ୍ରୀ ଆଜଲାନଙ୍କ ପୁଅ ପାଇଁ ଏକମାତ୍ର ପିତାମାତା ଅଟନ୍ତି । ବର୍ତ୍ତମାନ ପାକିସ୍ତାନୀ ଗଣମାଧ୍ୟମରେ ପ୍ରକାଶିତ କିଛି ରିପୋର୍ଟ ଅନୁଯାୟୀ, ୩୮ ବର୍ଷୀୟା ଅଭିନେତ୍ରୀ ପୁଣିଥରେ ପ୍ରେମରେ ପଡିଛନ୍ତି । ଆସନ୍ତା ମାସରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି । କେବଳ ଘନିଷ୍ଠ ପରିବାର ଏବଂ ସାଙ୍ଗମାନେ ଉପସ୍ଥିତ ରହିବେ । ଏହି ସମୟରେ ମେଗା ଲାଇଫ ଷ୍ଟାଇଲ ଟିଭିରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନର ପଞ୍ଜାବ ଅଂଚଳର ଏକ ହିଲ୍ ଷ୍ଟେସନରେ ଏହି ସମାରୋହ ଅନୁଷ୍ଠିତ ହେବ । ତାଙ୍କ ପ୍ରଥମ ବିବାହ ୨୦୦୭ରେ ହୋଇଥିଲା ୨୦୧୫ରେ ଦୁହେଁ ଅଲଗା ହୋଇଯାଇଥିଲେ । ବର୍ତ୍ତମାନ ସେ ଦୀର୍ଘ ସମୟ ଧରି ସଲିମ୍ କରିମ୍ ସହିତ ରିଲେଶନସିପ୍‌ରେ ଅଛନ୍ତି । ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି କି ୩୮ ବର୍ଷରେ ଅଭିନେତ୍ରୀ ପୁଣି ବିବାହ କରିବାକୁ ଯାଉଛନ୍ତି ।



# ନିର୍ଦ୍ଦେଶନା ଦେବେ ଦିଶା ପଟାନୀ

ବଲିଉଡ୍‌ର ବୋଲ୍ଡ ଅଭିନେତ୍ରୀ ଦିଶା ପଟାନି । ବର୍ତ୍ତମାନ ତାଙ୍କର ମ୍ୟୁଜିକ୍ ଭିଡିଓ 'କ୍ୟୁଁ କରୁ ଫିକର'ରେ ଆସିବେ ନଜର । ଏହା ଜରିଆରେ ସେ ନିର୍ଦ୍ଦେଶନା କ୍ଷେତ୍ରରେ ଏଂଟ୍ରି କରିବାକୁ ଯାଉଛନ୍ତି । ସୋସିଆଲ ମିଡିଆରେ ମ୍ୟୁଜିକ୍ ଭିଡିଓର ପୋଷ୍ଟର ସେୟାର କରି ଫ୍ୟାନ୍ସଙ୍କୁ ଏହି ସୂଚନା ଦେଇଛନ୍ତି । ପୋଷ୍ଟରରେ ଦିଶା ବିନ୍ଦାସ୍ ଲୁକ୍‌ରେ ଦେଖିବାକୁ ମିଳିଛନ୍ତି । 'ହୁଇ ମଲଙ୍ଗ'ଠୁ ଆରମ୍ଭ କରି 'ସ୍ଲୋ ମୋସନ୍' ଓ 'ତୁ ୟୁ ଲଭ୍ ମି' ଭଳି ନିଜ ଗୀତରେ ଦମ୍‌ଦାର ଡ୍ୟାନ୍ସ କରି ଲୋକଙ୍କ ହୃଦୟରେ ସ୍ଥାନ ସୃଷ୍ଟି କରିଛନ୍ତି । ହେଲେ ଏଥର ଏହି ମ୍ୟୁଜିକ୍ ଭିଡିଓରେ ତାଙ୍କର ଭିନ୍ନ ଲୁକ୍ ଦେଖିବାକୁ ପାଇବେ ଦର୍ଶକ । ଦିଶାଙ୍କ ଅପ୍‌କମିଙ୍ଗ ଫିଲ୍ମ ଅଛି 'ଯୋଦ୍ଧା' । ଏଥିରେ ସେ ସିଦ୍ଧାର୍ଥ ମଲହୋତ୍ରାଙ୍କ ଅପୋଜିଟ୍‌ରେ ନଜର ଆସିବେ । ୨୦୧୫ ମସିହାରେ ତେଲୁଗୁ ଫିଲ୍ମ 'ଲୋଫର' ଜରିଆରେ ସେ ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ । ସୁଶାନ୍ତ ସିଂହ ରାଜପୁତଙ୍କ ଫିଲ୍ମ 'ଏମ୍.ଏସ୍. ଧୋନି: ଦ ଅନ୍‌ଟୋଲ୍ଡ ଷ୍ଟୋରୀ' ଜରିଆରେ ସେ ବଲିଉଡ୍‌ରେ କ୍ୟାରିଅର ଆରମ୍ଭ କରିଥିଲେ । ତା'ପରେ ଚାଇନିଜ୍ ଆକ୍ସନ୍ କମେଡି 'କୁଙ୍ଗ ଫୁ ଯୋଗା', 'ବାଗି-୨', 'ଭାରତ', 'ମଲଙ୍ଗ' ଓ 'ଏକ୍ ଭିଲେନ୍ ରିଟର୍ନସ'ରେ ଲିଡ୍ ଲେଡି ଭାବେ ନଜର ଆସିଥିଲେ ।

# କୋଡ଼ିଏ ହାତିଆ ସାମୁଦ୍ରିକ ଜୀବ

ରାମାୟଣରେ ରାବଣର କୋଡ଼ିଏଟି ହାତ ଥିଲା ବୋଲି ସେ ବିଂଶବାହୁ ନାମରେ ମଧ ପରିଚିତ । ନିକଟରେ ଆମେରିକାର ସାନ୍ ଡିଏଗୋ ସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଆଂଟାର୍କଟିକା ମହାସାଗରରେ ସେଭଳି ଏକ ବିଂଶବାହୁକୁ ଠାବ କରିଛନ୍ତି । ଅବଶ୍ୟ ଏହି ସାମୁଦ୍ରିକ ଜୀବଟିର ମଣିଷ ପରି ପାପୁଲି ଓ ଆଙ୍ଗୁଠିଯୁକ୍ତ ହାତ ନାହିଁ । ତାହାର ବାହୁଗୁଡ଼ିକ ଅକ୍ଟୋପସର ବାହୁ ସଦୃଶ; କିନ୍ତୁ ତା'ର ଆଠଟି ବଦଳରେ ଦଶଯୋଡ଼ା ଗଣ୍ଠିଯୁକ୍ତ ବାହୁ ରହିଛି । ପ୍ରଥମ ନଜରରେ ଏହା ପୃଥିବୀ ବାହାରର ଜୀବ ବା ଏଲିଏନ୍ ପରି ଜଣାପଡ଼ିଥାଏ । ଟିକେ ନିରେଖି ଦେଖିଲେ ତାହାର ମୁଣ୍ଡ ପାଖଟି ଠିକ୍ ଷ୍ଟ୍ରବେରି ପରି ଦେଖାଯାଇଥାଏ । ଉକ୍ତ ଅମେରୁଦଣ୍ଡୀ ପ୍ରାଣୀଟିର ବୈଜ୍ଞାନିକ ନାମ 'ପ୍ରୋମାକୋକ୍ରିନସ୍ ଫ୍ରାଗାରିସ୍' ରଖାଯାଇଛି । ଲାଟିନ୍ ଶବ୍ଦ ଫ୍ରାଗାରିଅସ୍‌ରୁ ଆସିଥିବା 'ଫ୍ରାଗମ୍'ର ଅର୍ଥ ଷ୍ଟ୍ରବେରି, ତେଣୁ ତାହାର ନାମକରଣ ଏପରି ହୋଇଛି । ସମୁଦ୍ର ପତନର ୨୧୫ ଫୁଟରୁ ୩,୮୪୦ ଫୁଟ ଗଭୀରତାରୁ ଏହା ଆବିଷ୍କୃତ ହୋଇଛି । 'ଫିଦର ଷ୍ଟାର' ନାମକ ସାମୁଦ୍ରିକ ଜୀବ ପରି ଏହା ଦେହରେ ସୂକ୍ଷ୍ମ ପରଯୁକ୍ତ ଅଙ୍ଗମାନ ଅଛି ଯାହା ତାକୁ ପହଁରିବାରେ ସାହାଯ୍ୟ କରିଥାଏ । ତେଣୁ ତାହାକୁ ପ୍ରାଣୀବିଜ୍ଞାନୀମାନେ 'ଆଂଟାର୍କଟିକ୍ ଷ୍ଟ୍ରବେରି ଫିଦର ଷ୍ଟାର' ନାମରେ ନାମିତ କରିଛନ୍ତି ।



# ଘରୁ ଗନ୍ଧ ବାହରିଲେ କ'ଣ କରିବେ...



ବର୍ଷାଦିନେ ପ୍ରାୟ ଲୋକଙ୍କ ଘରୁ ଭିନ୍ନ ଭିନ୍ନ ଗନ୍ଧ ବାହାରିଥାଏ । ଯାହା ବେଳେ ବେଳେ ମୁଡ୍ ଖରାପ କରି ଦେଇଥାଏ । ଘରୁ ସୁବାସିତ ବାସ୍ନା ବାହାରିବା ଦ୍ୱାରା ମନଖୁସି ହେବା ସହ ଯେକୌଣସି କାମ କରିବା ପାଇଁ ମୁଡ୍ ହୋଇଥାଏ । କେବଳ ଘରକୁ ସଫା ରଖିଲେ ଏହି ସମସ୍ୟା ଦୂର ହୁଏନି । ବରଂ ଘରେ ପବନ ଯା'ଆସ କରିବାକୁ ସ୍କାଏଲାଇଟ୍ ବା ବଡ଼ ଝରକା ରହିଥିବା ଆବଶ୍ୟକ । ସେହିପରି ଘରର ଦୁର୍ଗନ୍ଧ ଦୂର କରିବା ପାଇଁ ଘରର ଭୂଇଁ, ଅଳିଆ ପାତ୍ର, ଫ୍ରିଜ୍ ଓ ମାଇକ୍ରୋୱେଭ୍ ଆଦି ମଧ୍ୟ ସଫା ରଖିବା ଦରକାର । ଏହାବ୍ୟତୀତ ପ୍ରାୟ ସବୁବେଳେ ବନ୍ଦ ରହୁଥିବା ଆଲମିରାକୁ ସଫା ନ କଲେ ମଧ ଗନ୍ଧ ବାହାରିଥାଏ । ଗନ୍ଧକୁ ସ୍ଥାୟୀ ଭାବେ ଦୂର କରିବାକୁ ହେଲେ ମାଇକ୍ରୋୱେଭରର ସହାୟତା ନେଇପାରିବେ ।

– ମାଇକ୍ରୋୱେଭ୍‌ର ବେକିଂ ଟ୍ରେରେ ସାମାନ୍ୟ ଡାଳଚିନି ଗୁଣ୍ଡ ସହ ୨/୩ଟି ଲବଙ୍ଗ ପକାଇ ବେକ୍ କରି ନିଅନ୍ତୁ । ଏବେ ମାଇକ୍ରୋୱେଭ୍‌ର ଡୋର ଖୋଲି ଦିଅନ୍ତୁ । ସମ୍ପୂର୍ଣ୍ଣ ଘର ମସଲା ବାସ୍ନାରେ ମହକି ଉଠିବ ।

– ଘରେ ଯଦି ଫୁଲ ରଖୁଥାନ୍ତି, ତେବେ ତା' ସହିତ କିଛି ହର୍ବ୍ସ ମଧ ରଖନ୍ତୁ । ଏହା ଘରକୁ ସୁବାଷିତ କରି ରଖିବ । ଏହାଛଡା ଘରର ଝରକା ପାଖରେ ଲେମନ୍ ଗ୍ରାସ୍ ଗଛକୁ ରଖି ଦିଅନ୍ତୁ । ଘର ଭିତରେ ହାଲ୍‌କା ଓ ଧୀମା ଧୀମା ବାସ୍ନା ଅନୁଭବ କରିପାରିବେ ।

– ଯଦି ରୋଷେଇ ଘରୁ କୌଣସି ଗନ୍ଧ ବାହାରୁଥାଏ, ତେବେ ଏହାକୁ ଡିପ୍ କ୍ଲିନ୍ କରି ନିଅନ୍ତୁ । ଗନ୍ଧ କମିଯିବ । ରୋଷେଇ ଘରେ ଥିବା ଏଗ୍‌ଜଷ୍ଟ, ଗ୍ୟାସ୍ ଚିମିନି, ଲାଇଟ୍, ବଲ୍‌ବ ଆଦିରେ ତେଲ ଜମିବା ଯୋଗୁ ସେଥିରୁ ଗନ୍ଧ ବାହାରିଥାଏ ।




# ଅମିୟ ଅନ୍ତରାଗ


ସୁଦର୍ଶନ ମହାପାତ୍ର

ଆମ ଘରର ତଳ ମହଲାରେ ଭଡ଼ାରେ ରହୁଥିବା ଶୁଭମ୍ ମାଆଙ୍କର ପାଟି ଶୁଭିବାରୁ ସେଇ ଆଡକୁ ମନ ଚାଲିଗଲା। ଯେଉଁ ଶୁଭମ୍ କଥା କହୁଛି ସେ ଏଇ ଛଅ ସାତ ବର୍ଷର ହେବ। ସକାଳୁଆ ସ୍କୁଲ ।ସେ ନିଶ୍ଚୟ ସ୍କୁଲ ଯିବାକୁ ପ୍ରସ୍ତୁତ ହେଉଛି। ନିଦ ଭାଙ୍ଗୁନଥିବ ଛୁଆଟାର ଆଉ ତାକୁ ତାଗିଦ୍ କରୁଛନ୍ତି ତା'ର ମା ।

ଶୁଭମ୍ ର ବାପାଙ୍କର ଦୂର ସହରକୁ ବଦଳି ହେଲାପରେ ସେ ରହନ୍ତି ଚାକିରି ଜାଗାରେ ଏବଂ ପନ୍ଦର ଦିନରେ ଥରେ କିମ୍ବା ମାସକୁ ଥରୁଟିଏ ଆସନ୍ତି। ଶୁଭମ୍ ପାଠପଢ଼ା ପାଇଁ ସ୍କୁଲ ନବଦଳେଇ ତା ମାଆ ଏଇଠି ଅଛନ୍ତି।

ମନେ ପଡିଲା ମୋ ପୁଅ ସମ୍ବିତର ପିଲାଦିନର କଥା। ଏମିତି ସକାଳୁ ସକାଳୁ ବିଛଣା ସେ ଛାଡ଼ିବାକୁ ନାରାଜ ହେବାକୁ ତା ମାଆ ଲାଗି ପଡ଼ିଥିବ ତାକୁ ମନେଇବାରେ। କେତେ ଲାଞ୍ଚ ଯାଚିଲା ପରେ ଯାଇଁ ଗେହ୍ଲା ପୁଅ ଆମର ସମ୍ମତି ଦେବ ସ୍କୁଲ ଯିବାକୁ।

ପିଲାଦିନ କଥା ଏମିତି ମନମୁଗ୍ଧକର ରୂପେ ସ୍ମୃତି ପଟଳରେ ଚିର ଜାଜ୍ୱଲ୍ୟମାନ। ଶୁଭମ୍ ର ଏଇ ଅଝଟପଣ ଶୁଣିବାକୁ ମୁଁ ବେଳେ ବେଳେ କାନଦିଏ ଆଉ ପୁଲକିତ ହୁଏ।

ଶୁଭମ୍ ମୋ ପାଖରେ ସବୁକଥା କହେ। ସବୁକଥା ଅର୍ଥାତ୍ ଛୋଟ ପିଲାର ମଗଜରେ ଗୋଳମାଳ ସୃଷ୍ଟି କରୁଥିବା ଯେତେ କଥା ସବୁକିଛି। ବାସ୍ ତା କଥା ଶୁଣିବାକୁ ମୁଁ ପ୍ରସ୍ତୁତ ରହିଲେ ହେଲା।ତା ଆସିବା ସମୟ ଜାଣି ମୁଁ ଓ ମୋ ପତ୍ନୀ ମଧ୍ୟ ପ୍ରାୟତଃ ପ୍ରସ୍ତୁତ ଥାଉ।ତା ମାଆର ଗାଳି କରିବାର ସୂତ୍ର ହେଉ ଅବା ତା ସାଙ୍ଗ ମାନଙ୍କ ବିଷୟରେ ହେଉ, ସେ ସବୁକଥା ପ୍ରାଞ୍ଜଳ ଭାବେ ବଖାଣି ବସେ। ସବୁଠୁ ବଡ଼କଥା ହେଲା ସେ କଥା କହିଲା ବେଳେ ତା'ର ଆଖି ଏବଂ ଦୋଳାୟମାନ ଅଙ୍ଗଭଙ୍ଗୀ ଇତ୍ୟାଦି ମୋତେ ଖୁବ୍ ଭଲ ଲାଗେ। କେତେ ସମୟ ଧରି ମୁଁ ଏକବାର ମଜ୍ଜିଯାଏ ତା ବାକପଟୁତାରେ।

ଥରେ ଶୁଭମ୍ ର ଜନ୍ମଦିନକୁ ତା ବାପା ଙ୍କ ଅନୁରୋଧରେ ତଳକୁ ଯାଇଥିଲି ତ ସେଇଦିନ ଶୁଭମର ବିଚକ୍ଷଣତାର ଆଭାସ ପାଇଥିଲି। ସେତେବେଳକୁ ସେ ପାଞ୍ଚବର୍ଷର ହୋଇଥିବ।

ମଜାରେ ପଚାରି ଦେଇଥିଲି –' ଆଚ୍ଛା ଶୁଭମ୍ ତୁମକୁ କିଏ ବେଶୀ ଭଲ ଲାଗନ୍ତି ? ବାପା ନା ମାଆ।'

କ'ଣ କହିବ ବୋଧହୁଏ ବିଚରା ବୁଝି ପାରିନଥିଲା ହଠାତ୍। ଥରେ ବାପା ଙ୍କ ଆଡକୁ ଚାହିଁଲା ତ ଥରେ ମାଆଙ୍କ ଆଡକୁ ଚାହିଁଲା। ଦୁହେଁ ହସୁଥିଲେ ପୁଅର ଅପ୍ରସ୍ତୁତତାରେ। ତାକୁ ସହଜ ହୋଇ ଉତ୍ତର ଦେବାକୁ ପରାମର୍ଶ ଦେଉଥିଲେ ଦୁହେଁ। ଶୁଭମ୍ ଆଉ ଥରେ ଲେଖାଏଁ ଚାହିଁଲା ଦୁଇ ଜଣଙ୍କୁ ଏବଂ ଶେଷକୁ ଚାହିଁଲା ଜଗନ୍ନାଥଙ୍କ ଫଟୋ ଆଡକୁ।

–' ଜଗନ୍ନାଥ ସବୁଠୁ ଭଲ।' ଉତ୍ତର ଦେଲା ଶୁଭମ୍। ମୁଁ ଅବାକ୍ ହେଇଗଲି ତା ଉପସ୍ଥିତି ବୁଦ୍ଧିରେ।

ମୋ ମନକୁ ଖୁବ୍ ଛୁଇଁଥିଲା ଶୁଭମ୍ ର ସେଦିନର ଉତ୍ତର। ସେଇ ଦିନ ଠାରୁ ଶୁଭମ୍ ସହିତ ମୋର କଥାବାର୍ତ୍ତା ଜମିଗଲା।ତା ସହିତ ଏମିତି ଅନେକ ତାତ୍ପର୍ଯ୍ୟହୀନ ଆଲୋଚନା ସତେ ସଞ୍ଜିବନୀ ଭାବରେ ମୋର ଅବସରକାଳୀନ ଜୀବନ ଏବଂ ଆମ ଏକାକୀତ୍ୱ ଭାବକୁ ମୁଖରିତ କରୁଥିଲା।

ସ୍କୁଲରୁ ଫେରିବ ତ ବ୍ୟାଗକୁ ମାଆର ଜିମା ଦେଇଦେଇ ଆଗ ଆସିବ ଆମ ଘରକୁ ଆଉ ସିଧା ରୋଷେଇ ଘରକୁ।କାରଣ ସେ ଜାଣେ ସେଇଠି ତା ଜେଜେ ମା ତା ପାଇଁ କିଛି ସୁସ୍ୱାଦୁ ଜିନିଷ ରଖିଥିବେ। ତା'ପରେ ଯାଇଁ ଆସିବ ମୋ ପାଖକୁ।ଆଉ ମୁଁ ଉଦଗ୍ରୀବ ହୋଇ ଅପେକ୍ଷାମାଣ ଥିବି ତାକୁ।

ଶୁଭମ୍ ସ୍କୁଲର ପାଠପଢ଼ା ବିଷୟଠୁ ଆରମ୍ଭ କରି ସାଙ୍ଗ ମାନଙ୍କ ବିଷୟରେ କଥା ହେବ। କଥା ମଝିରେ ପୁଣି ମୋର ଏକାଗ୍ରତା ପରୀକ୍ଷା କରି ବସିବ। ଯେମିତି –' ଜେଜେ,କହିଲ ମୋ ସାଙ୍ଗ ଚିରାଗ ମୋତେ ଆଜି କେତୋଟି ଚକୋଲେଟ ଦେଇଥିଲା ବୋଲି କହିଥିଲି ?'

ମୁଁ କ'ଣ ମନେ ରଖି ବସିଥାଏ ଯେ ତା'ର ଉତ୍ତର ଠିକ୍ ଦେଇ ପାରିବି ?ତା'ର ସୁନ୍ଦର ପିଲାଳିଆ ଅଙ୍ଗଭଙ୍ଗୀରେ ମୁଁ ଏମିତି ମଜ୍ଜିଥାଏ ଯେ ହଠାତ୍ ଥତମତ ହୋଇ ପଡ଼ିବି ।ସେ ସେଇଠୁ ମୋତେ ଅନ୍ୟମନସ୍କ ନ ହେବାକୁ ତାଗିଦ୍ କରିବ। ସରଳା ଙ୍କ ଆଗରେ ଯାଇଁ ମୋ ନାଁ ରେ ନାଲିସ କରିବ।

–' ଏଇ ଜେଜେ ନା ଭାରି ବୋକା। କିଛି ଉତ୍ତର ଠିକ୍ ଭାବରେ ଦେଇ ପାରନ୍ତି ନାହିଁ। ସେ କେମିତି କେଜାଣି ଓଏଏସ୍ ପାଇ ଅଫିସର ହୋଇଥିଲେ ?'

ସରଳା ମୁରୁକି ମୁରୁକି ହସିବେ ତା କଥା ଶୁଣି ଆଉ ତା ସପକ୍ଷରେ କହି ତାକୁ ଉତ୍ସାହିତ କରିବେ।

ସେଦିନ ସ୍କୁଲ ସମୟର ସବୁ ଅନୁଭୂତି ନବଖାଣିବାଯାଏ କିମ୍ବା ତା ମାଆ ଆସି ଭିଡ଼ି ଭିଡ଼ି ନେଇ ନଯିବା ଯାଏଁ ସେ ଆମ ପାଖରେ ବସିଥାଏ।

ଶୁଭମ୍ ର ସ୍ମରଣ ଶକ୍ତି ଖୁବ୍ ପ୍ରଖର।ୱାନ,ଟୁ,ଥ୍ରୀ.. ଭଳି ମୁହେଁ ମୁହେଁ ସେ ତା'ର ପନ୍ଦର କୋଡ଼ିଏ ଜଣ ସହପାଠୀଙ୍କ ନାମ ଅନାୟାସରେ କହିଦେବ। ନିଜ ସାଙ୍ଗମାନଙ୍କ ସମ୍ବନ୍ଧରେ ସେ ପୁଣି ଖୁବ୍ ସ୍ପର୍ଶକାତର। ମୁଁ ଯଦି କୌଣସି ନାମକୁ ଭୁଲ୍ ଭାବରେ ଉଚ୍ଚାରଣ କରେ, ସେ ତା'ର ତୁରନ୍ତ ପ୍ରତିବାଦ କରିବ। ସେ ଭାବୁଥିବା ତା'ର ବେଷ୍ଟ ଫ୍ରେଣ୍ଡ୍ କୁ ମୁଁ ଜାଣିଶୁଣି ବଦମାସ୍ କହିଲେ ତା ପାଇଁ ଅସହ୍ୟ ହେବ। ପରେ ମୁଁ ନିଜକୁ ସୁଧାରି ନେଲେ ଯାଇ ସେ ଖୁସି ହେବ।

ଶୁଭମ୍ କେତେ କେତେ ସାଙ୍ଗଙ୍କ ବିଷୟରେ କୁହେ ମୋର କ'ଣ ସବୁ ମନେ ରହେ ? ଯଦି ଭୁଲବଶତଃ କୌଣସି ସାଙ୍ଗ ନାମ ସହିତ ଅଲଗା ଘଟଣାକ୍ରମେ କୁ ଯୋଡି ଦେବି ସେ ପ୍ରଥମେ ନିରୁତ୍ସାହିତ ହେଲାଭଳି ଦିଶିବ। ଅର୍ଥାତ୍ ତା'ର ଆଶାନୁରୂପ ବୁଦ୍ଧିମତା ମୋ ପାଖରେ ଅଭାବ ବୋଲି ବିବେଚନା କରିବ । ମୋର ସ୍ମରଣଶକ୍ତି ବୃଦ୍ଧି ନିମିତ୍ତ ଚ୍ୟବନପ୍ରାସ, ଆଲମଣ୍ଡ ଇତ୍ୟାଦି ଖାଇବାକୁ ପରାମର୍ଶ ଦେବ।

ଆଗରୁ କହିନଥିବା ଘଟଣାଟିଏ ବିଷୟରେ ମୁଁ ବେଳେ ବେଳେ ମନରୁ ବାନ୍ଧି ପ୍ରଶ୍ନଟିଏ ପଚାରିବି ତ ପ୍ରଥମେ ସେ ଅଳ୍ପ ହଡ଼ବଡ଼ ?ଇ ଯିବ। ହେଲେ କିଛି କ୍ଷଣ ଉତ୍ତାରୁ ସେ ବୁଝିପାରେ ମୁଁ ମିଛ କହୁଛି ବୋଲି। ବୋଧହୁଏ ମୋ ଭିତର କଥାକୁ ମୋ ପଚାରିବାର ଶୈଳୀରୁ ସେ ପଢି ନେଇପାରେ। କିମ୍ବା ତାକୁ ହଇରାଣ କରିବାର ମୋର ମନୋବୃତ୍ତିକୁ ସେ ମୋ ଅଙ୍ଗଭଙ୍ଗୀରୁ ଜାଣିପାରେ। ସେଇଠୁ ' ଜେଜେ ଚିଟିଂ କରୁଛନ୍ତି' ବୋଲି ପାଟି କରି ଖଣ୍ଡ ମଣ୍ଡଳ ପ୍ରକମ୍ପିତ କରିବ।

ଥରେ ଏମିତି ଏକ ଘଟଣାରେ ଶୁଭମ୍ ର ମାଆ ଉତକ୍ଷିପ୍ତ ହୋଇ ପଡିଲେ ଏବଂ ପୁଅକୁ ଶାସନ କରିବାକୁ ଯାଇ 'ଜେଜେ ଙ୍କୁ ଏମିତି କଥା କହନ୍ତିନି' ବୋଲି କାନଧରି ତାଗିଦ୍ କଲେ। ତଥାପି ଶୁଭମ୍ କି ମାନେ ! ତା ପିଲା ମନକୁ ମୋ ମିଛ କଥା ଆନ୍ଦୋଳିତ କରୁଥିଲା ବୋଧହୁଏ।ସେ ଆହୁରି ଜୋର ଗଳାରେ 'ଜେଜେ ମିଛୁଆ' ବୋଲି ପ୍ରତିପାଦିତ କରିବାକୁ ଚେଷ୍ଟା କଲା।

ପ୍ରତିକ୍ରିୟା ସ୍ୱରୁପ ଶୁଭମ୍ ଗାଲରେ ବସିଲା ତା ମାଆଙ୍କ ହାତର ଦୁଇ ଥାପଡ୍। ମୁଁ ସ୍ତମ୍ଭିଭୂତ ହୋଇଗଲି ଯେମିତି। ଶୁଭମ୍ ମଉଳି ଗଲା ତତକ୍ଷଣାତ୍। ମୋ ଆଡକୁ ଥରେ ଚାହିଁ ଆଖି ଛଳଛଳ କରି ଧାଇଁ ପଳେଇଲା ତଳକୁ।କରୁଣ ଆଖିରେ ସେଇ ଦୃଶ୍ୟକୁ ଦେଖିବା ଛଡା ମୋର ଆଉ କିଛି ଗତି ନଥିଲା।

ପରପର ଦୁଇ ଦିନ ଧରି ଶୁଭମ୍ ଆଉ ଉପରକୁ ଆସିନଥିଲା। ସେଇ ଦୁଇ ଦିନ ଯେ କି ଅସହାୟ ମୋତେ ଲାଗିଥିଲା ସେସବୁ ବର୍ଣ୍ଣନାତୀତ। ଘରଦ୍ୱାର, ବଜାର ସବୁ ମୋତେ ଖାଁ ଖାଁ ଲାଗିଲା।

ତୃତୀୟ ଦିନ ମୁଁ ନିର୍ନିମେଶ ଆଖିରେ ଚାହିଁ ରହିଥିଲି ଶୁଭମ୍ ର ବସ୍ ସମୟକୁ। ଗତ ଦୁଇଦିନ ହେବ ସକାଳୁ ଏଇ ସମୟରେ ହିଁ ସେ ତା'ର ଦୁଷ୍ଟ ମଧୁର ଚାହାଣି ଉପହାର ସ୍ୱରୁପ ମୋତେ ଦେଇ ଟିକିଏ ସାନ୍ତ୍ୱନା ଦେଇଥିଲା। ହେଲେ ଆଜି କାହିଁକି ନୁହେଁ? ତଳକୁ କାନ ପାରିଲି। କିଛି ସୋର ଶବ୍ଦ ନାହିଁ। ଏତେ ବେଳକୁ ପୁଅ କୁ ପ୍ରସ୍ତୁତ କରିବାକୁ ଶୁଭମ୍ ମାଆଙ୍କର ପାଟି ଶୁଭିବା କଥା।

ବସ୍ କିଛି ସମୟ ଗେଟ୍ ପାଖରେ ହର୍ଣ୍ଣ ଦେଇ ଦେଇ ବାହାରି ଗଲା।

–' ଛୁଆଟାର କ'ଣ ହୋଇଛି ଯାଇଁ ଟିକିଏ ଦେଖି ଆସୁନା।' ପଛରୁ ସରଳା ଙ୍କ ସ୍ୱରରେ ପ୍ରକୃତିସ୍ଥ ହେଲି। ଆଣ୍ଠୁ ଗଣ୍ଠି ଜନିତ ସମସ୍ୟା ପାଇଁ ସରଳାଙ୍କୁ ପାହାଚ୍ ବ୍ୟବହାର ମନା କରିଥିଲେ ଡାକ୍ତର ତ ମୋତେ ଏ କାମ କରିବାକୁ ନିର୍ଦ୍ଦେଶ ମିଳିଲା।

ମୋ ନକ୍ ରେ କବାଟ ଖୋଲିଲେ ଶୁଭମ୍ ର ମାଆ। ତାଙ୍କ ଆଖିରେ ଲୁହ ଦେଖିଲି।

–' ଦୁଇ ଦିନ ହେବ ତାକୁ ଜରୁଆ ଜରୁଆ ଲାଗୁଥିଲା। ଆଜି ବହୁତ ତାତି ତା ଦେହରେ। ତାକୁ ଡାକ୍ତରଖାନା ନେଇଯିବି ବୋଲି ଭାବୁଛି।'

ଏତିକି ବେଳକୁ ଶୁଭିଲା କ୍ଷୀଣ ସ୍ୱର ଟିଏ –' ଜେଜେ... !'

ଓଃ.. ସେ ଡାକରେ କି ନମନୀୟତା ! କେତେ ଆପଣାର ଭାବ ! ମୁଁ ଯେମିତି ପାଲଟିଗଲି ଶୁଭମ୍ ବୟସର। ତା'ର ସାଥୀ। ଏକା ଝପଟରେ ଯାଇ ତା' ପାଖରେ।

–' ତୁ ଜମା ବ୍ୟସ୍ତ ହୁଅନା। ଏବେ ମୁଁ ତୋତେ ଡାକ୍ତରଙ୍କ ପାଖକୁ ନେଇଯିବି। ଆଜି ହିଁ ତୁ ଭଲ ହୋଇଯିବୁ।' ଶୁଭମ୍ କୁ ଆଶ୍ୱସନା ଦେଇ କହିଲି।

–' ଜେଜେ, ତୁମେ ରାଗିଛ ? ମୁଁ ଖରାପ ପିଲା... !' ଶୁଭମ୍ ର କଥା ମୋତେ ବ୍ୟତିବ୍ୟସ୍ତ କରି ପକେଇଲା।

–' ଜମା ନୁହେଁ ବାବୁ। ତୁ ତ ଗୋଟିଏ ସୁନା ପିଲା।ଜେଜେ ହିଁ ମିଛ କହନ୍ତି। ମୋତେ ପା ପିଲାଦିନେ ମୋ ଜେଜେ ମିଛ କହି ଡରାନ୍ତି।'

–' ସତରେ ଜେଜେ ?'

–' ଜେଜେ ମାନଙ୍କୁ ମିଛ କହିବାକୁ ଭଲ ଲାଗେ ତ, ସେଥିପାଇଁ।'

–' ପାପ ହୁଏନା ?'

–' ବୁଢା ଲୋକଙ୍କୁ ପାପ ହୁଏନା।' ମୁଁ ମଜା କରୁଛି ବୋଲି ସେ ବୁଝି ପାରିଲା। ଅଳ୍ପ ହସିଲା।

–' ତୋତେ ଭୋକ ହେଲାଣି କି ଶୁଭମ୍ ?

–' ହଁ ଜେଜେ, ମୁଁ ଶୋଇଥିଲି ତ ଏଯାଏଁ ଖାଇନି। ସ୍କୁଲ ଟାଇମ୍ ହେଲାଣି ?'

ତୁ ଆଜି ସ୍କୁଲ ଯିବୁନି। ଆମେ ଆଜି ଦିନ ଭରି ଗପିବା ହେଲା। କାଲି ମୁଁ ତୋତେ ନିଜେ ସ୍କୁଲରେ ନେଇ ଛାଡି ଆସିବି। ତୋ ସାଙ୍ଗ ମାନଙ୍କୁ ଭେଟି ଆସିବି

ଶୁଭମ୍ ହସିଲା।

ତା' ଦେହରେ ଆଉ ଜର ନଥିଲା।

ପରଦିନ ସ୍କୁଲରେ ତାକୁ ଛାଡି ଆସିଲା ବେଳକୁ ଶୁଭମ୍ ତା ସାଙ୍ଗମାନଙ୍କୁ ମୋର ପରିଚିତ କରାଇଲା। –' ଏ ମୋ ଜେଜେ। ପିଲାଦିନେ ସବୁଠୁ ଭଲ ପଢୁଥିଲେ ଜେଜେ। ତାଙ୍କ ନାଁ ପ୍ରଦୋଷ ପଟ୍ଟନାୟକ।ଓଏଏସ୍ ଅଫିସର ଥିଲେ ।

ଏତେ ସବୁ ପିଲାଙ୍କୁ ଦେଖି ଭାବୁଥିଲି ସେଇ ମର୍ମନ୍ତୁଦ ଦୁର୍ଘଟଣା ପୁଅ ବୋହୁ ନାତି ଙ୍କୁ ଆମଠୁ ଛଡେଇ ନନେଇଥିଲେ ଆଜି ହୁଏତ ଶୁଭମ୍ ଭଳି ନାତିକୁ ସ୍କୁଲ ଛାଡ଼ିବାକୁ ଆସିଥାନ୍ତି।ଆଉ ସେ କେତେ ଖୁସି କୋଳାହଳ ରେ ତା'ର ପିଲାଦିନକୁ ଉପଭୋଗ କରୁଥାନ୍ତା ! ଆଉ ସେଇ ଖୁସିର ଝଲକ ଆମ ପରିବାରକୁ ଆନନ୍ଦାଲୋକ ରେ ଭରି ଦେଇଥାନ୍ତା... !

ଆଖି ଲୁହରେ ଝାପସା ହେବାର ଉପକ୍ରମ କଲା ତ ତୁରନ୍ତ ପୋଛିଦେଲି । ନଚେତ୍ ଶୁଭମ୍ ଆଖିରେ ପଡ଼ିଯିବ ତ ଜେଜେ କାନ୍ଦୁଥିଲେ ବୋଲି ଚାରିଆଡ଼ ? ହାଲ୍ଲା କରିଦେବ... ! ! !

*କୁଞ୍ଜବିହାରୀ ଲେନ, କଟକ*

## କବିତା : କାଲିର ଓ ଆଜିର

*ସୂର୍ଯ୍ୟକାନ୍ତ ମଲିକ*



ତୁମରି ପୃଷ୍ଠାରେ ଶୋଭା ପାଉନାହିଁ
ଆଉ ଏ ସମାଜ ଛବି
ଆଉ ଆଙ୍କୁନାହିଁ ତୁମ ଲେଖନୀରେ
ପଶ୍ଚିମା ରକ୍ତିମ ରବି।

ଆଧୁନିକତାକୁ ପ୍ରଚାର କରୁଛ
ଢେଙ୍ଗୁରାକୁ ପିଟି ପିଟି
ପରମ୍ପରା ଆମ ପୋଡି ଖାଇଲଣି
ଅଣ୍ଟିଛୁରୀ ତଣ୍ଟି କାଟି।

ବାପାଙ୍କ ଖାଇକି ଦାଦାଙ୍କୁ ପୋଷିବା
ଏ କଥା କି ହେଲା ସତ
କିବା ଏଇ ଦେଶେ ପଣ୍ଡିତ ନାହାନ୍ତି
ବିଦେଶୀ ମତରେ ମିତ।

କାହିଁ ଗଲା ଆମ ଓଡ଼ିଆ କାହାଣୀ
ସାଧବ ପୁଅର ଗାଥା
ଆଉ ଲେଖୁନାହିଁ ତୁମ ସେ ଲେଖନୀ
କାଞ୍ଚି ଅଭିଯାନ କଥା।

ଓଡ଼ିଆରେ ଆମ ଖଞ୍ଜି ରହିଥାଏ
କଥା ସଙ୍ଗେ ଗୋଟେ ନଥା
ତେବେ କାହିଁଗଲା ଶିବେଇ ସାନ୍ତରା
ଜାଉ ଗୁଣ୍ଡା ଖିଆ କଥା।

ଆଉ ରହୁନାହିଁ ତୁମ କବିତାରେ
ଗାଁ ତୋଟା ନଈକୂଳ
ଆଧୁନିକ ନାମେ ଅଧୁନା ହୋଇଲ
ନାରୀ ନଗ୍ନତାର ଝୁଲ।

ମିଥ୍ ପ୍ରତୀକ ଚିତ୍ରକଳ୍ପ ନାମେ
ଘାରିଛି ପାଶ୍ଚାତ୍ୟ ନିଶା
କିମ୍ପାଗଲା ଆମ ଛନ୍ଦ ଅଳଙ୍କାର
ଏ କି ହେଲା ସତେ ଦଶା ?

କବି ପାଉନାହିଁ ପ୍ରକୃତ ସମ୍ମାନ
ଲେଖା ପାଉନାହିଁ ମାନ
କେଉଁ ରାଇଜରୁ ଖୋଜି ଆଣିଦିଅ
ଗଧପାଦେ ସିଂହାସନ।

ସମାଲୋଚନା ଯେ କାହାକୁ କରିବା
ନୁହେଁ ମୋ ଉଦ୍ଦେଶ୍ୟ ଜମା
ହେ ମୋର ପ୍ରିୟ ଦେଶର ଗୌରବ
ତ୍ରୁଟି ଥିଲେ ଦେବ କ୍ଷମା।

*ସ୍ନାତକ ଦ୍ୱିତୀୟ ବର୍ଷ*
*ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ*
*ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ*

## ଭଡ଼ାଘର

*ପୂର୍ଣ୍ଣଚନ୍ଦ୍ର ବହଳୀ*



ଚାଲ ମୋ ସାଥିରେ ଦେଖିବ
କେମିତି ମୁଁ ରହୁଛି ମୋ ଭଡା ଘରେ
ରୋଷେଇ ଘର ଅଛି
ରାନ୍ଧିବା ସମାଗ୍ରୀ ବି ଅଛି
ଶୋଇବା ପାଇଁ ବିଛଣା ଅଛି
ସଜବାଜ ବି ଅଛି.
ଚେଷ୍ଟା କଲେ ବି ଘର ଖାଇବାର
ସ୍ୱାଦ ଏଠାରେ ନାହିଁ କି
ଘର ବିଛଣାରେ ଶୋଇବାର ଖୁସି
ଏଠାରେ ମିଳେ ନାହିଁ ।
ଏମିତି ନୁହେଁ ଯେ ପାଖରେ ପଇସା ନାହିଁ
ପିଲାଦିନର ସବୁ ଜିନିଷ କିଣିହେବ
କିନ୍ତୁ ସାଙ୍ଗମାନେ ଅତୀତ ହୋଇଗଲାଣି
ପିଲାମାନେ ବେପାରୀ ହେଇଗଲେଣି
କଷ୍ଟ ତ ବହୁତ
କିନ୍ତୁ ଜୋକର ଭଳି ସଭିଙ୍କୁ ହସାଉଛି
ହସ ଭିତରେ ଥିବା ଲୁହ ପିଉଛି ।

ଭଦ୍ରକ

## ନିର୍ଦ୍ଦୟ ବୈଶାଖ

*କବିରତ୍ନ ନୂତନ କୁମାର ବେହେରା*



ଆସିଥିଲା ଋତୁରାଜ
ବସନ୍ତ...ହସି ହସାଇବାକୁ
ସାଥୀରେ ଆଣିଥିଲା ଫଗୁଣ ଓ ଚୈତ୍ରକୁ
ବହିଲା ମଧୁ ମଳୟ
ଆମ୍ବ ବଉଳେ ଗାଇଲା ପିକ
ଫଗୁଣ ଫୁଟାଇଲା ନାନା
ରଙ୍ଗର ଫୁଲ ଦେଇ ମହକ
ଉଡ଼ି ବୁଲି ଫୁଲେ ଫୁଲେ
ଖେଳିଲା ମନ ପ୍ରଜାପତି
ଚାନ୍ଦ ବି ଢାଳୁଥିଲା ଚାନ୍ଦିନୀ ସାରା ରାତି
ଇଚ୍ଛାର ମଧୁପ ଗୁଞ୍ଜରି
ସଞ୍ଚି ରଖିଲା ଆଶାର ମହୁ
ଆଖି ସାମ୍ନାରେ ନାଚୁଥିଲା
ଯେ ସବୁଜ ସମ୍ଭାବନା ସବୁ
ସପନ ସଜାଉଥିଲା
କନିଆଁ ପାଇଁ ସବାରୀ
ନବ ଲଳନାର ତନୁମନେ
ଲିପ୍ସା ଥିଲା ଅସୁମାରି
ଝିଅ ଯିବ ଶାଶୁଘର ହୋଇ
ନୂଆ ବୋହୂ
ଆରମ୍ଭିବ ନୂଆ ଜୀବନ
ଘୁଞ୍ଚାଇ ନିଃସଙ୍ଗତାର ଦାଉ
ନୂଆ ଉଦ୍ଦୀପନା,ଆ ଭାବନାର ଶିହରଣ
ଓଡ଼ିଆ ନବବର୍ଷ ହୋଇ
ଆସିଲ ତୁମେ ହେଇ ଆହ୍ୱାନ ।

*ବାରିପଦା, ମୟୂରଭଞ୍ଜ*

## ଶ୍ରମିକ

*ଆଦ୍ୟାଶା ମହାପାତ୍ର*



ଶ୍ରମିକ ଟିଏ ସେ ଶ୍ରମିକ ଟିଏ
କାମ କରି ପରିବାର ଚଳାଏ
ସାଧାରଣ ତା'ର ଭେକ
ଶ୍ରମ ପରିମାଣ ମୂଲ ସେ ପାଏନା
ଭୋଗେ ତେଣୁ ବହୁ ଦୁଃଖ ॥

ତୋଳେ ଏଠି ସେଠି ଅନେକ ଘର
କେତେ ରକମର କେଡ଼ ? ସୁନ୍ଦର,
ନିଜେ ରହେ କୁଡ଼ିଆରେ
ହେଉ ଚାଷ ଅବା ବନ୍ଧବାଡ କାମ
କରିଯାଏ ନିର୍ବିକାରେ ॥

ସବୁ କାମେ ଲୋଡ଼ା ପରା ଶ୍ରମିକ
ସେ କିବା ନୁହଁଇ ଆପଣା ଲୋକ
ମିଳେନା ତାକୁ ଆଦର
ତଥାପି ସଶ୍ରଦ୍ଧ ସମ୍ମାନ ଜଣାଏ
ସହି କଟାକ୍ଷ କାହାର ॥

ଶ୍ରମିକ ଟିଏ ସେ ଶ୍ରମିକ ଟିଏ
କଳା ଭାସ୍କରର ବିନ୍ଧାଣି ସିଏ
କଷ୍ଟରେ ଜୀବନ ଜୀଏଁ
ତା ହାତ ପରଶେ ଜଡ଼ କଥା କହେ
ଗାରିମା ଶିଖର ଛୁଏଁ ॥

ନିଜ ପାଇଁ ତା'ର ଶୋଚନା ନାହିଁ
ଝାଟି ମାଟି ଘରେ ଶାନ୍ତିରେ ଶୋଇ
ଦେଖେ ସୂର୍ଯ୍ୟ ଚନ୍ଦ୍ର ତାରା
ଖଣ୍ଡେ ପିନ୍ଧି ଦଣ୍ଡେ ଜିଇଁ ସେ
ବଢ଼ାଏ
ଦେଶେ ପ୍ରଗତିର ଧାରା ॥

ହାଣ୍ଡିରେ ଅଛି ତା ପଖାଳପାଣି
ଭୁଞ୍ଜେ ତାକୁ ମହାପ୍ରସାଦ ମଣି
ଆଦରେ ଯେଉଁଟା ଶସ୍ତା
ତା ପାଇଁ ଯୋଜନା ହୁଏ ବାଟବଣା
ଶୁଣି ମନେ ଲାଗେ ବ୍ୟଥା ॥

ଠିକାଦାର ଠାରୁ ଘର ମାଲିକ
ପୂରଣ କରନ୍ତି ଆପଣା ସ୍ୱାର୍ଥ
ଶ୍ରମିକ ଶୋଷଣ ସହେ
ତଥାପି ସେ କେବେ
ଭାଙ୍ଗିପଡେନାହିଁ
ଜୀବନ ଧାରଣ ମୋହେ ॥

*ନୂଆପଡା, କଟ*

## ବିଦାୟ

*ସୁଧାକର ରାଉତ*



ଏତ ନାଟକର ଅନ୍ତିମ ଦୃଶ୍ୟ
ପ୍ରେମ ପ୍ରତାରଣାରେ ତ ଭରିଥିଲା
ପ୍ରତ୍ୟେକଟି ସଂଳାପ
ଏବେ କେବଳ ଲୁହ ବୋଳା ବିଳାପ ।
ସ୍ୱୀକାରୋକ୍ତି ର ମର୍ମରିତ ସମ୍ଭାବନା
କାମନା ଆକାଶର ନୂଆ ସାମିଆନା
ଆଉ ତ ହେବ ନାହିଁ ଲୋଡ଼ା ।
ଏତେ ଅଭିନୟ ପରେ ବି
ବୁଝିଲନି ତୁମେ
ଶୁନ୍ୟରୁ କିଛିବି ଅଧିକ ନୁହେଁ
ଏ ସବୁ ଭୂମିକାର ମାନେ ।
ପରଦା ପଛର ଅନ୍ଧାରରେ
ଆଉ ତ କଡ଼ ଲେଉଟେଇବନି
ବାସ୍ତବତାର ସେ ନୂତନ ବାସନା ।
ଅବା ଅପରିସୀମ ଅବିଶ୍ୱାସର
ଯେତେସବୁ ଅଲଂଘ୍ୟ ଯାତନା ।
ପରଦା ପତନ ଆଗରୁ
ମୁକୁଳି ବାକୁ ଚେଷ୍ଟା କର ଏ ଦୁଃସ୍ଥିତିରୁ
ହଜିଯାଅ ଜୀବନ୍ତ ଅଭିନୟେ
ଦେଖ ନିଜକୁ ନିରିଖେଇ
ତୁମ ଛାତିରେ କିପରି
ଇନ୍ଦ୍ରଧନୁ ବି ମାଗୁଛି ବିଦାୟ ।

*ପ୍ରତାପ ନଗରୀ, କଟକ*
*ମୋ – ୮୨୪୯୯୩୨୭୯୨*

## ବର୍ଷା

*ରତ୍ନକାନ୍ତି ମିଶ୍ର*



ବର୍ଷା କେବେ ଗାଏ ମେଘ ମହ୍ଲାର
ଶୂନ୍ୟ ହୃଦୟର ତଳେ
କେବେ ପୁଣି ବୋଳେ ପ୍ରୀତିର ଫଲଗୁ
ସମୟର ଅନ୍ତରାଳେ ॥
ଆସେ ପରା ବର୍ଷା ଆକାଶ ପୃଥିବୀ
ମିଳନ ଦୂତିକା ହୋଇ
ଭରେ ସବୁଜିମା ହସାଏ ସେ ଧରା
ଜୀବନ ସ୍ତବକ ଗାଇ ॥
ବର୍ଷା ପଦପାତେ ବିରାଗ ବିସ୍ମୃତ
ଲୁପ୍ତ ରୌଦ୍ର ଇତିହାସ
ରିକ୍ତ କରିନିଏ ଦେହ ଓ ମନରୁ
ଅସରନ୍ତି ଅବସୋସ ॥
ଗିରି ବନ ନଦୀ ସ୍ଥାବର ଜଙ୍ଗମ
ଭିଜାଏ ବରଷା ଆସି
ହସଇ ପ୍ରକୃତି ହସଇ ନିୟତି
ଉର୍ବୀରେ ଫେରଇ ଖୁସି ॥
ଚାତକ ଚଞ୍ଚୁରେ ଚମକଇ ହସ
ମନେ ଖେଳେ ପାରିଜାତ
ତୃଷ୍ଣାନୀରେ ତା'ର ସତେ ମରୁଝର
ଫିଟି ପଡେ ଅନାହୂତା॥
ବିଳାସୀ ବରଷା ହୃଦୟେ ସତେକି
ସ୍ନେହ ଅନୁରାଗ ଲେଖା
ବିହି ସର୍ଜନାର ଅନନ୍ୟ ସ୍ୱାକ୍ଷର
ଋତୁଚକ୍ର ପରେ ଦେଖା ॥

*ଆଳି, କେନ୍ଦ୍ରାପଡା*

# ସାବାସ୍ ବେଟା ସାବାସ୍


ବିଜୟ କୁମାର ଛାଟୋଇ

ପିଲାଙ୍କ ପରୀକ୍ଷା ବେଳ । ଦଶମ ଶ୍ରେଣୀ ପରୀକ୍ଷା ହେବାକୁ ଆଉ ମାସେ ବାକି ଥାଏ । ସେଥିପାଇଁ ଏକପ୍ରକାର ଭୟ ପିଲାଙ୍କ ମନରେ । ପିଲାମାନେ ଭୟାତୁର ନ ହେବା ପାଇଁ ସରକାରଙ୍କର ବଡ ପଦକ୍ଷେପ । ଶିକ୍ଷକ ଏବଂ ତାଙ୍କ ଅଧିକାରୀଙ୍କୁ ଭାରି ତାଗିଦ୍ । ପରୀକ୍ଷା ପାଇଁ ଯେଉଁସବୁ ନିୟମ ହୁଏ ସେଥିରେ ପିଲାଏ ଭାରି ଖୁସ୍ । ଯେତେ ଯାହା କଲେ ବି ପିଲାଙ୍କ ମନରେ ପରୀକ୍ଷା ଡର ରହିବ ହିଁ ରହିବ । ସେଥିପାଇଁ ଚିକୁନର ମନ ମରିଯାଇଛି । ସେ ଯେଉଁଆଡକୁ ଚାହୁଁଛି ସେଆଡେ ଖାଲି ପରୀକ୍ଷା ହଲ୍ ଦେଖାଯାଉଛି । ଆଉ ସବୁପିଲା ବସି ପରୀକ୍ଷା ଦେଉଛନ୍ତି । ତେଣୁ ଚିକୁନର ପରୀକ୍ଷା ଚିନ୍ତା ବେଶି ବଢିଯାଇଛି । ଆଖିରେ ତାର ଆଉ ନିଦ ନାହିଁ । ଭଲରେ ଗଣ୍ଡେ ଖାଇବାକୁ ବି ସମୟ ନିଅଣ୍ଟ ହେଉଛି ।

ସିଏ ଏବେ ଦିନ ତମାମ୍ ପାଠ ପଢାରେ ଚିକୁନ୍ ବ୍ୟସ୍ତ । ଯଦି ସେ ପରୀକ୍ଷାରେ ପାଶ୍ ନ କରିବ ତେବେ ତାକୁ ଘର ଲୋକ ଓ ଗାଆଁ ଲୋକ କଣ ବୋଲି କହିବେ ? ଏଇ କଥା ଭାବି ଭାବି ଚିକୁନର ମଥା ଘୁରିଯାଉଛି । ଏବେ ସେ ଦିନରାତି ପଢାରେ ମନ ଦେଇଛି । ସଫଳତାରେ ଦୃଢ଼ ବିଶ୍ୱାସ ରଖି ସେ ଆଗକୁ ବଢିଲା । ତାତହୁଁ ତାର ଠକାମିପଣ ବି କମ୍ ନୁହଁ । ଯାହାକୁ ପଚାରିବ ସେ ସଙ୍ଗେସଙ୍ଗେ ଚିକୁନର ପୁରାଣ ପେଡ଼ି ଖୋଲି ଗାଇଦେବ !

ସ୍କୁଲରେ ବେଶି ପଢାପଢିରେ ମନ ନ ଦେଇ ସେ ସାଥିମେଳରେ ଗୋଟେ ଖଟି ଆରମ୍ଭ କରିଥିଲା । ସେହି ଖଟିର ବି ମୁଖିଆ ସେ । ଅସୁବିଧାରେ ପଡୁଥିବା ଲୋକଙ୍କୁ ନିଜ ପାରିବା ପଣରେ ସେବା କରେ । ଏଇ କିଛି ଭଲକାମ ପାଇଁ ଗାଁର ଲୋକେ କହିପକାନ୍ତି ଚିକୁନ୍ ବଢିଆ ପିଲା । ଆଜି କାଲିର ସାର୍ ମାନେ ମଧ୍ୟ ସରକାରୀ ଭୟରେ ପିଲାଙ୍କୁ ଚୁପ୍ କରିବାର ଉପାୟ ହଜେଇଦେଇଛନ୍ତି । ସେମାନଙ୍କ ହାତରୁ ବେତ ଛାଟିଆ କେଉଁଆଡେ ଛିଟିକ୍ ପଡିଲାଣି । ଏସବୁ ସୁଯୋଗକୁ ଉଣ୍ଡି ନିଜ ସ୍କୁଲ ସାରଙ୍କୁ ହେଉ ଅଥବା ଘରେ ବାପା ବୋଉଙ୍କୁ ହେଉ ସମସ୍ତଙ୍କୁ ଭୁଲେଇ ବଙ୍କ ?ଇ ଗୁଡ଼ାଏ ଡାହାମିଛ କଥା କହି ମୂଲ୍ୟବାନ୍ ସମୟତକ ଅଯଥା ବିତାଏ ସେ । ତାର ଚିକ୍କଣିଆ ଗେଲିଆ କଥାରେ ଗାଆଁର ସବୁଲୋକ ଚିକୁନକୁ ଆଦରି ନେଇ କହନ୍ତି , ଚିକୁନ ପରି ଭଲପିଲା ଏ ଖଣ୍ଡ ମଣ୍ଡଳରେ ମିଳିବେନି ତ ! ତେଣୁ ତାକୁ ଢେରସାରା ଆଦର ଓ ସୁଖ ମିଳିବାରୁ ଚିନୁର ବାପାଙ୍କୁ ଟିକିଏ ଆସ୍ୱସ୍ତି ମିଳେ । ଚିକୁନ୍ ଯେତେବେଳେ ଗାଆଁ ଦାଣ୍ଡରେ ଯାଏ ସେତେବେଳେ ତାର ନରମ ବ୍ୟବହାର ସଭିଙ୍କ ମନକୁ ତରଳାଇ ଦିଏ । ପୁଅର ଭବିଷ୍ୟତ କଥାକୁ ମନରେ ଆଣି ଆଖିରେ ଗଦାଗଦା ସ୍ୱପ୍ନ ଦେଖୁଥାଆନ୍ତି ଚିନ୍ତାମଣି ବାବୁ । ଚିକୁନ ଯେତେବେଳେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ଗାଆଁ ସ୍କୁଲରେ ପାଠପଢୁଥିଲା , ତାର ପ୍ରତି ବିଷୟରେ ଶତପ୍ରତିଶତ ନମ୍ବର ରହୁଥିଲା । ଏବର ନିୟମ ହୋଇଛି ପରୀକ୍ଷାରେ ଯଦି ପିଲା ଲେଖିଛି ତାକୁ ଉତ୍ସାହ କର ଏବଂ ନମ୍ବର ନ କାଟିବାକୁ ତାଗିଦ୍ । ସେଯାହାହେଉ, ଏବେ ଏବେ ଚିକୁନର ଦଶମ ପରୀକ୍ଷା ଶେଷ ହୋଇଛି । ହେ ଭଗବାନ୍ ! ପୂର୍ବବର୍ଷ ଭଳି ଏବର୍ଷ ମଧ୍ୟ ସରକାର ତାଙ୍କ ନିୟମ ଜାରି ରଖନ୍ତୁ ସବୁ ପିଲାପରି ମୋ ଚିକୁନ୍ ବି ଭଲ ନମ୍ବର ରଖି ପାଶ୍ କରୁ ବୋଲି ଚିକୁନ ବାପାଙ୍କର ଭାରି ଚିନ୍ତା ! ଏମତି ଦୁଃଖରେ ଥାଆନ୍ତି ଚିକୁନର ବାପା।

ସମୟ ପ୍ରାୟ ସକାଳ ନଅଟା ହେବ । ମନଦୁଃଖରେ ଫୋନ ଖୋଲି ଦେଖୁଥାନ୍ତି ଦେଶର ଜାତୀୟ ଖବରଗୁଡ଼ିକୁ ସେ । ହଠାତ୍ ଚିକୁନର ସ୍କୁଲ ସାରଙ୍କ ଫୋନ ନମ୍ବରର ଘଣ୍ଟିଟି ବାଜିଉଠିଲା । ପୁଅପାଇଁ ତାଙ୍କ ମନରେ ଅସରନ୍ତି କୋହ ! ଆଖିରେ ଆଖିଏ ଭାବ ଭରା ଲୁହ ! ଅବିରାମ ହୋଇ ବୋହିଯାଉଥାଏ ମଥାରୁ ତଳିପା ଯାଏଁ ଝାଳ । ଆହା ! କଣ ମୁ ଶୁଣୁଛି ! ସ୍ୱପ୍ନ ଦେଖୁନି ତ ! ଚିକୁନର ଶ୍ରେଣୀ ଶିକ୍ଷକ ଆଉଥରେ ଚିକୁନର ବାପାଙ୍କୁ ସେଇ ଗୋଟିଏ କଥାକୁ ଦୋହରାଇ କହୁଥାଆନ୍ତି, ଶୁଣନ୍ତୁ ଆଜ୍ଞା ! ଆପଣଙ୍କ ପୁଅ ଚିକୁନ୍ ଦଶମ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ରାଜ୍ୟରେ ପ୍ରଥମ ସ୍ଥାନ ପାଇଛି । ଚିକୁନ ପ୍ରତି ଯେଉଁ ସନ୍ଦେହ ଥିଲା ଆଜି ତାହା ପାଣିପରି ମିଳେଇଗଲା । ମହାଖୁସିରେ କହୁଥାନ୍ତି, ସତରେ ମୋ ପୁଅ ଆଜିଠାରୁ ସୁନାପିଲା ହୋଇଗଲା । ଏମତି କେତେକଥା ଗପି ଗପି ଚିକୁନର ବାପା ଚିକୁନର ପିଠିକୁ ଥାପୁଡେଇ କହୁଥାନ୍ତି ସାବାସ୍ ବେଟା ସାବାସ୍ !!!

*ମହୁରା, ସତ୍ୟବାଦୀ, ପୁରୀ*




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ ? ରାମଙ୍କୁ ଆମେ କାହିଁକି ମାନିବୁ ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା ? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି ? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

**——ଚିତ୍ତରଞ୍ଜନ ମହାପାତ୍ର**
ଶିମୂଳୀପାଟଣା, ଚନ୍ଦକା, ମୋ- ୯୪୩୯୫୬୧୮୫୪

## ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ ଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନ୍ନୁରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନ୍ନୁରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟ, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ

ବର୍ତ୍ତମାନର ସମୟକୁ ଦେଖିଲେ ଅନେକ ବ୍ୟସ୍ତବହୁଳ ଜୀବନ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ଏହା ଅନୁଭବୀ କରିଥାଏ ଯେ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆବହମାନ ସମୟରୁ ଆମ୍ଭେମାନେ ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। ମାଟି, ପାଣି ଓ ପବନରେ ଗଢ଼ା ଆମ ଏହି ସ୍ଥୂଳ ଶରୀର ଏବଂ ପ୍ରତିଟି ମଣିଷର ଶରୀର ତତ୍ତ୍ୱରେ ଏହି ତିନୋଟି ଉପାଦାନର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ଜୀବନ ଭିତରେ ସମସ୍ତେ ଅନେକ ସମୟରେ କ୍ଲାନ୍ତ ବା ଶରୀରର ଅବସକୁ ଅନୁଭବ କରନ୍ତି। ସେମାନେ କିଛି ବିଶ୍ରାମ ଚାହିଁଥାନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରଖି ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଷମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

## ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧିକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।

## ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ ଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅର୍ଘ୍ୟ ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

### ନୀଳଗିରି ଅ ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅ ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

## ଇଫ୍‌କୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି । ଏହି ଗୋମଙ୍ଗଳ ସମିତିରେ ୬୦ରୁ ଉର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା । ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଉର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ । ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଲ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ । ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି ।

## ଏଟିଏମରେ ଟଙ୍କା ଭର୍ତ୍ତି କରିବାକୁ ନେଇ, ସେହି ଟଙ୍କାକୁ ଚୋରି କରିନେଲେ କର୍ମଚାରୀ

କଣ୍ଟାବାଞ୍ଜି: କାହା ଉପରେ କରିବ ଭରସା। ଯାହା ଉପରେ ଦାୟିତ୍ୱ ସେ ସାଜୁଛି ଚୋର। ଏବେ ଯେମିତି ଦେଖୁନାହାନ୍ତି, ଇଞ୍ଜଗରେ ଟଙ୍କା ଭରିବା ବ୍ୟାଙ୍କ କର୍ମଚାରୀଙ୍କ ଦାୟିତ୍ୱ। ହେଲେ ଯଦି ସେହି କର୍ମଚାରୀ ଚୋର ସାଜିବେ ତାହାଲେ କାହା ଉପରେ ଭରସା କରାଯିବ। ଆଗରୁ ତ ଚୋର ମାନେ ଏଟିଏମ ଭାଙ୍ଗି ଲୁଟ୍ କରୁଥିଲେ। ହେଲେ ଏବେ କର୍ମଚାରୀମାନେ ଟଙ୍କା ଭର୍ତ୍ତି କରିବାକୁ ଯାଇ ନିଜେ ସେହି ଟଙ୍କା ଲୁଟ୍ କରିନେଉଛନ୍ତି। ହଁ ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଣ୍ଟାବାଞ୍ଜି ଅଞ୍ଚଳରେ। ଉକ୍ତ ଅଞ୍ଚଳରେ ଥିବା ଏକ ଏସବିଆଇ ଏଟିଏମରେ ଟଙ୍କା ଭର୍ତ୍ତି କରିବାକୁ ନେଇଥିଲେ କର୍ମଚାରୀ।

## ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧ୍ରୁନଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଳବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

Mahaditya Publication

ADMISSION ON
your gateway to complete education
PRE-NURSERY, NURSERY, L.KG., U.KG., Std-1 to Std-VIII
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Sunday May 4 ଭୁବନେଶ୍ୱର ରବିବାର, ୪, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ନବୀକରଣୀୟ ଶକ୍ତିକୁ ଆପଣେଇବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର, (ପି.ଏନ): ପରିବେଶ ସୁରକ୍ଷା ଏବଂ ସ˚ୁଳିତ ଜୀବନଯାପନ ଦିଗରେ ଏକ ଦୃଢ଼ ପ୍ରୟାସ ଭାବରେ ପ୍ରଦୂଷଣ ହ୍ରାସ କରିବା, ପୃଥିବୀକୁ ସୁରକ୍ଷିତ ରଖିବା ଏବଂ ଅଶୋଧିତ ତୈଳ ଆମଦାନୀ ହ୍ରାସ କରି ବୈଦେଶିକ ମୁଦ୍ରା ସଂଚୟ କରିବା ପାଇଁ ସବୁଜ ଶକ୍ତିକୁ ଆପଣେଇବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛଁି । ମଇ ୩ ତାରିଖ ଦିନ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ପାରମ୍ପରିକ ଶକ୍ତି ଉତ୍ସରୁ ନବୀକରଣୀୟ ବିକଳ୍ପକୁ ପରିବ ˚ନ କରି ବ୍ୟବହାର ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଛଁି । ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରାଜଭବନ ଭୁବନେଶ୍ୱରରେ ଶକ୍ତି ଭି ? ? ?ଭୂମିରେ ଗ୍ରହଣ କରାଯାଇଥିବା ପରିବ ˚ନକାରୀ ପଦକ୍ଷେପ ସଂପର୍କରେ ରାଜ୍ୟପାଳ ସୂଚନା ଦେଇଥିଲେ । ରାଜଭବନ ପରିସରରେ ୧୫୦ କିଲୋୱାଟ ସୌରଶକ୍ତି ପ୍ଲାଂଟ କାର୍ଯ୍ୟକ୍ଷମ ହୋଇଛି ଏବଂ ଖୁବ ଶୀଘ୍ର ଅତିରିକ୍ତ ୪୦୦ କିଲୋୱାଟ ପ୍ଲାଂଟ୍ ସ୍ଥାପିତ ହେବାକୁ ଯାଉଛି । ଏହା ରାଜ୍ୟପାଳଙ୍କ ବାସଭବନକୁ ଏକ ନେଟ୍-ଜିରୋ ଶକ୍ତି କ୍ୟାମ୍ପସ୍ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସବୁଜ ମିଶନକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଭାରତରେ ନିର୍ମିତ ଦୁଇ ଚକିଆ ଯାନ ଏବଂ ଅଫିସିଆଲ କାର୍ ପ୍ରଚଳନ କରାଯାଇଛି । ଯାହା, ସ୍ଥାୟୀ ଗତିଶୀଳତା ପ୍ରତି ନିର୍ଣ୍ଣାୟକ ପଦକ୍ଷେପର ସଙ୍କେତ ଦେଉଛି । ପ୍ରତ୍ୟେକ ଯାତ୍ରା ଏବେ ଏକ ଶାନ୍ତ, ସ୍ୱଚ୍ଛ ଏବଂ ଅଧିକ ଦାୟିତ୍ୱପୂର୍ଣ୍ଣ ଭବିଷ୍ୟତ ପାଇଁ ଯୋଗଦାନ ଦେଉଛି । ଏପରି ପଦକ୍ଷେପ ଆମର ପସନ୍ଦ ଅପେକ୍ଷା ପରିବେଶ ଅନୁକୂଳ ବ୍ୟବସ୍ଥା ଗ୍ରହଣ କରିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଛନ୍ତି । ଏପରି ଅଗ୍ରଣୀ ପ୍ରୟାସ ସହିତ ରାଜଭବନ କେବଳ ସମଗ୍ର ଦେଶର ସରକାରୀ ପ୍ରତିଷ୍ଠାନ ପାଇଁ ଏକ ଉଦାହରଣ ସୃଷ୍ଟି କରୁନାହିଁ, ବରଂ ଶୀର୍ଷସ୍ତରରୁ ପରିବ ˚ନ ଆରମ୍ଭ ହୁଏ ବୋଲି ସ୍ପଷ୍ଟ ବା ˚। ଦେଉଛି । ଗଣମାଧ୍ୟମ ସହିତ ବା ˚ଳାପ ବେଳେ ରାଜ୍ୟପାଳ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଅନେକ ପ୍ରମୁଖ ଯୋଜନା ଉପରେ ମଧ୍ୟ ଆଲୋକପାତ କରିଥିଲେ । ଯେପରିକି:-

ପ୍ରଧାନମନ୍ତ୍ରୀ କୁସୁମ ଯୋଜନା - ଜଳସେଚନରେ ବ୍ୟବହୃତ ନଳକୂପ ପାଇଁ ସୌରଚାଳିତ ପମ୍ପସେଟ୍ ସ୍ଥାପନ କରିବାରେ ଚାଷୀମାନଙ୍କୁ ସହଯୋଗ କରିବା ପାଇଁ ଉଦ୍ଦିଷ୍ଟ । ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର - ମୁଫ୍‌ତ ବିଜଳି ଯୋଜନାରେ ସବ୍‌ସିଡ ପ୍ରଦାନ କରି



ସୌର ଛାତ ପ୍ୟାନେଲ୍ ସ୍ଥାପନ ମାଧ୍ୟମରେ ପରିବାରକୁ ବିଦ୍ୟୁତ ଯୋଗାଇବା ପାଇଁ ଉଦ୍ଦିଷ୍ଟ । କେନ୍ଦ୍ର ସରକାର ପ୍ରତି ପରିବାର ପାଇଁ ପ୍ରଥମ ଏବଂ ଦ୍ୱିତୀୟ କିଲୋୱାଟ ପାଇଁ ୩୦ ହଜାର ଟଙ୍କା ଲେଖାଏଁ ଏବଂ ତୃତୀୟ କିଲୋୱାଟ ପାଇଁ ୧୮ ହଜାର ଟଙ୍କା ଅତିରିକ୍ତ ସବ୍‌ସିଡ ପ୍ରଦାନ କରୁଛଁି । ଏହି ଆର୍ଥିକ ସହାୟତା ସର୍ବାଧିକ ୩ କିଲୋୱାଟ କ୍ଷମତା ପର୍ଯ୍ୟ' ସ୍ଥାପନ ପାଇଁ ଉପଲବ୍ଧ ରହିଛି ।

ଓଡ଼ିଶାରେ ଏହି ଯୋଜନାକୁ ଅଧିକ ପ୍ରସାରିତ କରିବା ପାଇଁ ରାଜ୍ୟ ସରକାର ପ୍ରତି ପରିବାର ପାଇଁ ପ୍ରଥମ ଓ ଦ୍ୱିତୀୟ କିଲୋୱାଟ ପାଇଁ ୨୫ ହଜାର ଟଙ୍କା ଲେଖାଏଁ ଏବଂ ତୃତୀୟ କିଲୋୱାଟ ପାଇଁ ୧୦ ହଜାର ଟଙ୍କା ଅତିରିକ୍ତ ସବ୍‌ସିଡ ପ୍ରଦାନ କରି ସକ୍ରିୟ ପଦକ୍ଷେପ ନେଇଛଁି ।

ତେଣୁ ୩ କିଲୋୱାଟ ସୌର ଶକ୍ତି ବ୍ୟବସ୍ଥା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସର୍ବାଧିକ ସବ୍‌ସିଡ ବ୍ୟବସ୍ଥା ୧ଲକ୍ଷ ୩୮ ହଜାର ଟଙ୍କା ପର୍ଯ୍ୟ' ରହିଛି ।

ରାଜ୍ୟରେ ଅଧିକ ଲୋକ ସୌର ଶକ୍ତି ବ୍ୟବସ୍ଥା ଆପଣେଇବା ନିମର୍ତେ ଉତ୍ସାହିତ କରିବା ପାଇଁ ଅତିରିକ୍ତ ସବ୍‌ସିଡ ପ୍ରଦାନ କରିବା ଦିଗରେ ଓଡ଼ିଶା ସରକାର ନେଇଥିବା ପଦକ୍ଷେପକୁ ରାଜ୍ୟପାଳ ଡ. କମ୍ଭମ୍ପାଟି ପ୍ରଶଂସା କରିଛଁି । ନିଜର ବ୍ୟକ୍ତିଗତ ଲାଭ ସହିତ ପରିବେଶର ବୃହ ? ? ?ର ହିତ ଦୃଷ୍ଟିରୁ ଏପରି ଯୋଜନାର ସଂପୂର୍ଣ୍ଣ ଲାଭ ନେବାକୁ ଏବଂ ସକ୍ରିୟ ଭାବେ ନବୀକରଣୀୟ ଶକ୍ତି ଉତ୍ସକୁ ବ୍ୟବହାର କରିବା ପାଇଁ ଲୋକମାନଙ୍କୁ ରାଜ୍ୟପାଳ ଅନୁରୋଧ କରିଛଁି । ଏତଦ୍‌ବ୍ୟତୀତ ଧିରେଧିରେ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଯାନବାହନ ବ୍ୟବହାର ପରିତ୍ୟାଗ କରି ବିଦ୍ୟୁତ ଚାଳିତ ଯାନବହାନ ବ୍ୟବହାର କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି । ଏପରି ପରିବ ˚ନ ପ୍ରଦୂଷଣ ହ୍ରାସ କରିବା, ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ସ୍ୱଚ୍ଛ, ସ୍ଥାୟୀ ଭବିଷ୍ୟତ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଏତଦ୍‌ବ୍ୟତୀତ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରି ସେଥିରେ ବୈଦୁତିକ ଯାନବାହନ ଚାର୍ଜ କରିବା ଦ୍ୱାରା ଜୀବାଶ୍ମ ଇନ୍ଧନର ଆବଶ୍ୟକତା ଦୂର ହୋଇପାରିବ ଏବଂ ପ୍ରକୃତରେ ସବୁଜ ଗତିଶୀଳତା ସକ୍ଷମ ହୋଇପାରିବ । ଏହା ମଧ୍ୟ ଦୈନନ୍ଦିନ ଯାତ୍ରାକୁ ଅଧିକ ସୁଲଭ କରିବ ବୋଲି ରାଜ୍ୟପାଳ ଉଲ୍ଲେଖ କରିଛନ୍ତି । ବ ˚ମାନ ପଦକ୍ଷେପ ନେବାର ସମୟ । ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ଲୋକଙ୍କୁ ସଶକ୍ତ କରିବା ଏବଂ ପରବ ˚ୀ ପୀଢ଼ି ପାଇଁ ଏକ ଉ ମ, ସ୍ଥାୟୀ ଭବିଷ୍ୟତ ନିର୍ମାଣ କରିବା ହେଉଛି ଏହାର ଲକ୍ଷ୍ୟ ବୋଲି ରାଜ୍ୟପାଳ କହିଛନ୍ତ ।

ଗଣମାଧ୍ୟମ ସହିତ ଆଲୋଚନାର ଉଦ୍ଦେଶ୍ୟ ହେଉଛି ନବୀକରଣୀୟ ଶକ୍ତିର ଉପଯୋଗ / ବ୍ୟବହାର ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା । ଏଣୁ ଏହି ବା ˚ାକୁ ରାଜ୍ୟର ପ୍ରତି ପରିବାରରେ ପହଚଂାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ରାଜ୍ୟପାଳ ଗଣମାଧର ପ୍ରତିନିଧିମାନଙ୍କୁ ଆହ୍ୱାନ ଜଣାଇଛଁି । ଉଲ୍ଲେଖନୀୟଯେ ରାଜ୍ୟପାଳ ଡ. କମ୍ଭମ୍ପାଟି କେବଳ ପ୍ରଥମ ଥର ପାଇଁ ନବୀକରଣୀୟ ଶକ୍ତିର ସମର୍ଥନ କରିନାହାଁି । ୨୦୧୪ ମସିହାରେ ସାଂସଦ ଥିବା ବେଳେ ସଂସଦରେ ତାଙ୍କର ପ୍ରଥମ ଅଭିଭାଷଣ ସମୟରେ ସ୍ଥାୟୀ ଶକ୍ତି ସମାଧାନ ପାଇଁ ନବୀକରଣୀୟ ଶକ୍ତିର ଉପଯୋଗକୁ ଦୃଢ଼ ସମର୍ଥନ କରିଥିଲେ । ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଦ୍ୱାରା ଉପସ୍ଥାପିତ କେନ୍ଦ୍ର ବଜେଟକୁ ସମର୍ଥନ କରିବା ସମୟରେ ଡ. କମ୍ଭମ୍ପାଟି ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା ହ୍ରାସ କରି ଏବଂ ଇଥାନଲ ମିଶ୍ରିତ ଇନ୍ଧନ ଏବଂ ବୈଦୁତିକ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଭାରତର ବାଣିଜ୍ୟ ନିଅଂଟକୁ ମୁକାବିଲା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ସରକାରଙ୍କୁ ବିଦ୍ୟୁତ ଯାନ ପାଇଁ ଟିକସ୍ ପ୍ରୋତ୍ସାହନ ପ୍ରଦାନ କରିବାକୁ ଏବଂ ଡିଜେଲ ଜେନେରେଟର ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସୌର ଜେନେରେଟର ଭଳି ନବୀକରଣୀୟ ଶକ୍ତି ମାଧ୍ୟମରେ ଘରୋଇ ବିଦ୍ୟୁତ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଅନୁରୋଧ କରିଥିଲେ, ଯାହା ଫଳରେ ବି ୟ ନିଅଂଟ ହ୍ରାସ ପାଇବ ଏବଂ ବୈଦୁତିକ ମୁଦ୍ରା ସଂରକ୍ଷଣ କରିବାରେ ସାହାର୍ଯ୍ୟ କରିବ ବୋଲି କହିଥିଲେ । ଦଶନ୍ଧି ପୂର୍ବେ ସଂସଦରେ ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ମନ୍ତବ୍ୟ ଶକ୍ତିନୀତି, ଆର୍ଥିକ ସ୍ଥିରତା ଏବଂ ପରିବେଶଗତ ଦାୟିତ୍ୱବୋଧ ମଧ୍ୟରେ ପାରସ୍ପରିକ ସଂପର୍କ ବିଷୟରେ ଗଭୀର ବୁଝାମଣାକୁ ପ୍ରତିଫଳିତ କରିଥିଲା, ଯେଉଁ ନୀତିକୁ ସେ ଓଡ଼ିଶାର ରାଜ୍ୟପାଳ ଭାବରେ ବଜାୟ ରଖିଛଁି । କଥା ଏବଂ କାର୍ଯ୍ୟ ଉଭୟ ମାଧ୍ୟମରେ ଡ. କମ୍ଭମ୍ପାଟି ଉଦାହରଣ ରଖି ନେତୃତ୍ୱ ଦେଇ ଚାଲିଛଁି ଯାହା ଏକ ସ୍ୱଚ୍ଛ, ସବୁଜ ଏବଂ ଅଧିକ ଶକ୍ତି ଓ ସୁରକ୍ଷିତ ଭବିଷ୍ୟତ ଆଡକୁ ପରିବ ˚ନକୁ ପ୍ରେରଣା ଦେଇଛଁି ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ରହି ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ରାଜଭବନର ସକରାତ୍ମକ ପଦକ୍ଷେପକୁ ପ୍ରଶଂସା କରିବା ସହିତ ରାଜ୍ୟ ସରକାରଙ୍କ ତରଫରୁ ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ । ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ନବୀକରଣୀୟ ଶକ୍ତିର ବହୁଳ ଉପଯୋଗ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ, ପ୍ରବ ˚ତ ହୋଇଥିବା ବିଭିନ୍ନ ଯୋଜନା ଏବଂ ଉପଲବ୍ଧ ରିହାତି ସଂପର୍କରେ ଆଲୋକପାତ କରିଥିଲେ ।

ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ରାଜଭବନର ଅଧିକାରୀ / କର୍ମକ ˚ାଙ୍କ ସହ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ପାରାଦୀପ ଖବରକାଗଜ ବିତରକ ସଂଘର ବାର୍ଷିକ ଉତ୍ସବ

ପାରାଦୀପ,(ପି.ଏନ): ପାରାଦୀପ ଖବରକାଗଜ ବିତରକ ସଂଘର ୧୧ତମ ବାର୍ଷିକ ଉତ୍ସବ ଗୁରୁବାର ସଂନ୍ଧ୍ୟାରେ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ପୋର୍ଟ ଶ୍ରମିକ ସଂଘ (ଶ୍ରମିକ ଭବନ) ପରିସରରେ ସଭାପତି ପ୍ରଦୀପ କୁମାର ଜେନାଙ୍କ ସଭାପତିତ୍ୱରେ ଏକ ସମାରୋହ ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ଭାବେ ପାରାଦୀପ ନଗରପାଳ ବସ' ବିଶ୍ୱାଳ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଚି ସ୍ୱାଇଁ, ଶୁକଦେବ ଜେନା, ରତ୍ନାକର ଜେନା ଯୋଗ ଦେଇଥିଲେ । ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ମିଶ୍ର କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ । ଇ ରନେଟ୍ ଯୁଗରେ ପାରାଦୀପ ସହରରେ ଖବରକାଗଜ ସାଧାରଣ ଲୋକଙ୍କ ପାଖରେ ପହଂଚାଇ ପରିବାର ପ୍ରତିପୋଷଣ କରିବା କଷ୍ଟକର । ତଥାପି ଏହି ବୃ ିକୁ ଆପଣେଇ ନେଇଥିବା ଖବରକାଗଜ ବିକ୍ରେତାମାନଙ୍କୁ ମୁଖ୍ୟଅତିଥି ନଗରପାଳ ଶ୍ରୀ ବିଶ୍ୱାଳ ଧନ୍ୟବାଦ ଜଣାଇଥିଲେ ।

## ସୃଷ୍ଟିଧର ପରିଡ଼ାଙ୍କ 'ମୁଠାଏ ସ୍ୱପ୍ନ' ଲୋକାର୍ପିତ

ଭୁବନେଶ୍ୱର,(ପି.ଐନ): ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ତଥା ଦୈନିକ ଓଡ଼ିଆ ଖବରକାଗଜ 'ଧ୍ୱନି ପ୍ରତିଧ୍ୱନି'ର ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ସଦ୍ୟ ପ୍ରକାଶିତ ନୂତନ ଗଳ୍ପ ସଂକଳନ "ମୁଠାଏ ସ୍ୱପ୍ନ" ପୁସ୍ତକକୁ ଶୁକ୍ରବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜ ପରିସରରେ ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି । ଏହି ଉପଲକ୍ଷେ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଲେଖକ ଶ୍ରୀ ପରିଡ଼ା 'ମୁଠାଏ ସ୍ୱପ୍ନ'ର ପୁସ୍ତକ ରଚନାର ପୃଷ୍ଠଭୂମି ଏବଂ ସାମ୍ପ୍ରତିକ ସମାଜିକ ରାଜନୈତିକ ଅବସ୍ଥାରେ ପ୍ରଭାବିତ ସାହିତ୍ୟର ବାସ୍ତବ ସ୍ଥିତି ବାବଦରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଶ୍ରୀ ପଟ୍ଟନାୟକ ଲେଖକ ଶ୍ରୀ ପରିଡ଼ାଙ୍କ ସାହିତ୍ୟ ସାଧନା ଅଧିକ ସମୃଦ୍ଧ, ଶାଣିତ ଏବଂ ବିକଶିତ ହେଉ ବୋଲି କାମନା କରିବା ସହ ଓଡ଼ିଶାର ଜନ ଜୀବନକୁ ଉନ୍ନତ କରିବାରେ ସହାୟକ ହେବ ବୋଲି



ମତବ୍ୟକ୍ତ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟର ପ୍ରଚ଼ର ପ୍ରସାର ଦିଗରେ ବ୍ଲକ ଓ ଗ୍ରାମା ଳରେ ପାଠାଗାର ପ୍ରତିଷ୍ଠା କରିବା ନିହାତି ଆବଶ୍ୟକ ରହିଥିବାରୁ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବାଉରୀବନ୍ଧୁ ମହାରଣା, ବିପିନ ସିଂ, ବିମଳ ଭଞ୍ଜଦେଓ, ବିବେକାନନ୍ଦ ଜେନା, ଦେବକାନ୍ଦ ମହାପାତ୍ର, ବିଜୟ ପଣ୍ଡା, ପାର୍ଥସାରଥୀ ଜେନା, ମାଧବାନନ୍ଦ ବେହୁରା, ସନତ ମିଶ୍ର, ବିଭୂତି ଭୂଷଣ କର, କିଶୋର ମଙ୍ଗରାଜ, ପ୍ରିୟରଞ୍ଜନ ସାହୁ, ସନାତନ ଦଳବେହେରା, ସର୍ବେଶ୍ୱର ବର୍ଦ୍ଧନ, ବଳରାମ ପ୍ରସାଦ ନନ୍ଦ, ଉମେଶ ରାୟ, ବିଶ୍ୱଜିତ ଜେନା, ଉମେଶ ସାମନ୍ତରାୟ, ମନୋଜ ବେହେରା, ସୁକାନ୍ତ ମହାନ୍ତି, ମହେଶ୍ୱର ରଥ, ଗିରିଧାରୀଲାଲ ଷଡ଼ଙ୍ଗୀ ପ୍ରମୁଖ ଯୋଗଦାନ କରିଥିଲେ ।

## ପାରାଦୀପ ବନ୍ଦର ପକ୍ଷରୁ ପୁରସ୍କାର ନାଇଟ ୨୦୨୫ ଅନୁଷ୍ଠିତ

ପାରାଦୀପ ,(ପି.ଏନ): ରେକର୍ଡ ପଣ୍ୟ କାରବାର ସହ କ୍ରମାଗତ ଦ୍ୱିତୀୟ ଆର୍ଥିକ ବର୍ଷ ନିମନ୍ତେ ଦେଶର ଏକ ନମ୍ବର ବୃହତ ବନ୍ଦର ମାନ୍ୟତା ବଜାୟୀ ରଖିଥିବା ପାରାଦୀପ ବନ୍ଦର ପ୍ରାଧିକାରଣ ପକ୍ଷରୁ ଭୁବନେଶ୍ୱର ସ୍ଥିତ ମେଫେୟାର ହୋଟେଲ ରେ ପୁରସ୍କାର ନାଇଟ ୨କ୍ଟ୨୫ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ପ୍ରକାଶ କରିଥିଲେ ଯେ ବନ୍ଦରର ଉଲ୍ଲେଖନୀୟ ଅଭିବୃଦ୍ଧି ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ହିତାଧିକାରୀ ପ୍ରମୁଖ ଅନୁଷ୍ଠାନ ଗୁଡିକୁ ସମ୍ବର୍ଦ୍ଧନା କରିବା ନିମନ୍ତେ ଏହା ଏକ ବିଶେଷ ମଞ୍ଚ କ୍ଷ ସେମାନଙ୍କର ଯୋଗଦାନ ଯୋଗୁଁ ପାରାଦୀପ ବନ୍ଦର ସ୍ୱତନ୍ତ୍ର ୧୫କ୍ଟ ନିୟୁତ ମେଟ୍ରିକ ଟନ କ୍ଲବ ରେ ସାମିଲ ହୋଇଛି ଯାହାକି ଗୌରବ ବିଷୟ କ୍ଷ ଲୁହାପଥର ଯାହାକି ବନ୍ଦର ର ସମୁଦାୟ ପଣ୍ୟ କାରବାରରେ ତୃତୀୟ ସିଂହଭାଗ ହାସଲ କରିଥାଏ କିନ୍ତୁ ବିଗତ ଆର୍ଥିକ ବର୍ଷରେ ରପ୍ତାନି ଆବଶ୍ୟକତା ଯଥେଷ୍ଟ ହ୍ରାସ ପାଇଥିଲା କ୍ଷ ତେବେ ତାପଜ କୋଇଲା, ଏମୋନିୟମ ନାଇଟ୍ରେଟ, କୋଇଲା,ଜିପସମ ଓ ସାର ଭଳି ପଣ୍ୟ




କାରବାର ର ଉଲ୍ଲେଖନୀୟ ଅଭିବୃଦ୍ଧି ଯୋଗୁଁ ବନ୍ଦର ଆଗକୁ ବଢ଼ିପାରିଲା କ୍ଷ ଦେଶରେ ସମୁଦାୟ ଉପକୂଳ ଜାହାଜ ଚ଼ଳାଚ଼ଳ ଓ ପଣ୍ୟ କାରବାର ୨୫କ୍ଟ ନିୟୁତ ମେଟ୍ରିକ ଟନ ରହୁଥିବା ବେଳେ ପାରାଦୀପ ବନ୍ଦର ଏହାର ଏକାକି ୨୫ ପ୍ରତିଶତ ବା ୬୩.୭ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର ବିଗତ ଆର୍ଥିକ ବର୍ଷରେ କରିପାରିଛି ।ସେହିପରି ବନ୍ଦରର ବର୍ଥ ଉତ୍ପାଦକତା ୩୪ ହଜାର ୨୮କ୍ଟ ମେଟ୍ରିକ ଟନ ରହିଛି ଯାହାକି ଜାତୀୟ ହାରାହାରି ଦୁଇଗୁଣ ଅଟେ କ୍ଷ ଏଥି ନିମନ୍ତେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ପିପିପି (ପବ୍ଲିକ ପ୍ରାଇଭେଟ ପାର୍ଟନରସିପ) ଅପରେଟର, ସିପିଙ୍ଗ ଏଜେଣ୍ଟ ତଥା ଷ୍ଟିଭେଡୋର୍ସ ସଂସ୍ଥା ମାନଙ୍କୁ ବିଶେଷ ସାଧୁବାଦ ଜଣାଇଛନ୍ତି ।

ପୁରସ୍କାର ନାଇଟ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦରର ଅଭିବୃଦ୍ଧି ଓ ସଫଳତା ର ଯାତ୍ରା ସହିତ ସମ୍ପୃକ୍ତ ସମସ୍ତଙ୍କ ସାମୁହିକ ପ୍ରୟାସ କୁ ସମ୍ମାନିତ କରାଯାଇଥିଲା କ୍ଷ କାର୍ଯ୍ୟକ୍ରମ ଶେଷରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray